## ଭାଲୁ ଛୁଆ ଉଦ୍ଧାର

ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ)- ସ୍ୱର୍ଣ୍ଣଚୂଡ଼ ଜଙ୍ଗଲ ପାଦଦେଶରୁ ଏକ ଭାଲୁ ଛୁଆକୁ ନୀଳଗିରି ବନ ବିଭାଗ ଉଦ୍ଧାର କରିଛି। ସୂଚନା ମୁତାବକ, ଶନିବାର ରାତିରେ ଖାଦ୍ୟ ଅନ୍ୱେଷଣରେ ସ୍ୱର୍ଣ୍ଣଚୂଡ଼ ଜଙ୍ଗଲରୁ ଖସି ଆସିଥିବା ଭାଲୁ ପଲ ନୀଳଗିରି ଏନ୍‌ଏସି ଅନ୍ତର୍ଗତ ୮ନଂ. ୱାର୍ଡ ପଛପଟ ଜଙ୍ଗଲକୁ ଖାଦ୍ୟ ଅନ୍ୱେଷଣରେ ଆସିଥିଲେ। ମାତ୍ର ଭାଲୁ ଛୁଆଟି ଯାଇ ନ ପାରି ବୁଦା ନିକଟ ପାଇଖାନା ଭିତରେ ରହି ଯାଇଥିଲା। ରବିବାର ଅପରାହ୍ନ ପ୍ରାୟ ୩ଟା ବେଳେ ସ୍ଥାନୀୟ ବାସିନ୍ଦାଙ୍କଠାରୁ ବନ କର୍ମଚାରୀ ପହଞ୍ଚି ଭାଲୁ ଛୁଆକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି।

**ବାଲେଶ୍ୱର**

### ସଂକ୍ଷେପରେ

## କୋଇଲା ବୋଝେଇ ଟ୍ରକ୍ ଜବତ, ଚାଳକ ଗିରଫ

ସୋର,୧୬।୩(ଜନ୍ମେଜୟ ମିଶ୍ର): ସୋର ଥାନା ତଳନଗର ନିକଟରୁ ଏକ ବେଆଇନ କୋଇଲା ବୋଝେଇ ଟ୍ରକ ଜବତ ହୋଇଛି। ଏହାର ଚାଳକଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ଗାଡ଼ି ଚାଳକ ହେଲେ ବଡ଼ଚଣା ଥାନା ଗୌଡ଼ ସାହି ଗ୍ରାମର ରଞ୍ଜନ କୁମାର ବେହେରା। ଶୁକ୍ରବାର ରାତିରେ ତଳନଗର ଗ୍ରାମ ନିକଟରେ ଏକ ୧୪ ଚକିଆ ଟ୍ରକରେ କୋଇଲା ବୋଝେଇ ହେଉଥିବା ଗ୍ରାମବାସୀଙ୍କ ନିକଟରୁ ଖବର ପାଇ ସୋର ପୋଲିସ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଚାଳକ ସମେତ ଶ୍ରମିକମାନେ ଫେରାର ହୋଇଯାଇଥିଲେ। ପୋଲିସ ୯ କୁଇଣ୍ଟାଲ କୋଇଲା ଜବତ କରି ଥାନାକୁ ଆଣିଛି। ଏ ବାବଦରେ ଥାନାରେ ଏକ ମାମଲା(ନଂ. ୨୦୮/୨୫) ରୁଜୁ ହୋଇଛି।

## ନଦୀରୁ ମହିଳାଙ୍କ ମୃତଦେହ ଜବତ

ନୀଳଗିରି,୧୬।୩(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ଦେଇ ଯାଇଥିବା ସୋନ ନଦୀ ତୋଟାପଡ଼ା ଘାଟରେ ଶୁକ୍ରବାର ଜଣେ ମହିଳାଙ୍କ ମୃତଦେହ ଭାସୁଥିବାର ଦେଖିବାକୁ ମିଳିଥିଲା। ସ୍ଥାନୀୟ ଗ୍ରାମବାସୀ ନୀଳଗିରି ପୋଲିସ ଏବଂ ଦମକଳ ବାହିନୀକୁ ଖବର ଦେବା ପରେ ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ଉକ୍ତ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲା। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନୀଳଗିରି ମେଡିକାଲକୁ ପଠାଇଛି। ମୃତ ମହିଳାଙ୍କ ପରିଚୟ ମିଳି ପାରିନାହିଁ। ନୀଳଗିରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ୭ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ

ବାଲେଶ୍ୱର,୧୬।୩(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ରୂପସା ଥାନା ଅନ୍ତର୍ଗତ ରୂପସା ସାମିଲ ହାସନପୁର ଗ୍ରାମରେ ଶନିବାର ରାତିରେ ଏକ ବଡ଼ଧରଣର ଲୁଟ୍ ହୋଇଛି। ଏନେଇ ରବିବାର ପୋଲିସ ଏକ ମାମଲା (ନଂ.୧୪/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଶନିବାର ସନ୍ଧ୍ୟାରେ ଗ୍ରାମର ସୁରେଶ କୁମାର ବେହେରାଙ୍କ ପରିବାର ଲୋକେ ଘରେ ତାଲା ପକାଇ ପିଞ୍ଛାବଣିଆ ଦୋଳ ମେଳାକୁ ବୁଲିବାକୁ ଯାଇଥିଲେ। ରାତି ୯ଟା ୩୦ରେ ଘରେ ପହଞ୍ଚି ଫାଟକ ଓ ଘର କବାଟର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଘରେ ଥିବା ଦୁଇଟି ସୁନା ମୁଦି, ଗୋଟିଏ ମଙ୍ଗଳସୂତ୍ର, ତିନୋଟି ସୁନା ହାର, ଏକ ହଳ କାନ ଫୁଲ ସମେତ ୭ ଲକ୍ଷ ଟଙ୍କାର ଅଳଙ୍କାର ଓ ନଗଦ ୭ ହଜାର ଟଙ୍କା ଲୁଟ ହୋଇଥିବା ପରିବାର ପକ୍ଷରୁ ଏତଲାରେ ଦର୍ଶାଯାଇଛି।

# ସଫା ହେଲା ନଦୀ ମୁହାଣ

### ନୀଳରକ୍ତ କଙ୍କଡ଼ାର ସୁରକ୍ଷା

### ୪ ଅନୁଷ୍ଠାନର ୨୫ ସ୍ୱେଚ୍ଛାସେବୀ ସାମିଲ

ବାଲେଶ୍ୱର,୧୬।୩(ବାଞ୍ଛାନିଧି ଦେ)



ନଦୀ ମୁହାଣରୁ ମିଳିଥିବା ନୀଳରକ୍ତ କଙ୍କଡ଼ାଙ୍କ ମୃତଦେହ।

ଜନ ସଚେତନତା ଅଭାବରୁ ଲୋପ ପାଉଛି ନୀଳରକ୍ତ କଙ୍କଡ଼ା। ଏହି ପ୍ରଜାତିର କଙ୍କଡ଼ାର ସୁରକ୍ଷା ଦିଗରେ ପ୍ରଶାସନ କି ଜନପ୍ରତିନିଧିଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ମତ୍ସ୍ୟଜୀବୀଙ୍କ ଜାଲରେ କୂଳକୁ ଅଣ୍ଡା ଦେବାକୁ ଆସୁଥିବା କଙ୍କଡ଼ା ଛନ୍ଦି ହୋଇ ମୃତ୍ୟୁବରଣ କରୁଛନ୍ତି। ନଦୀ ମୁହାଣ ଓ ସମୁଦ୍ର କୂଳରେ ସେମାନେ ମରିପଡ଼ିଥିବା ଦେଖିବାକୁ ମିଳୁଛି।

ବାଲେଶ୍ୱର ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ୍ୟ ସୁରକ୍ଷା ମଞ୍ଚ, ଆସୋସିଏସନ୍ ଫର ବାଇଓ ଡାଇଭରସିଟି କଞ୍ଜର୍ଭେସନ (ଏବିସି) ଆରଣ୍ୟକ ସଂଗଠନ, ମୁନ୍ କମ୍ୟୁନିକେଶନର କର୍ମକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ ରେମୁଣା ବ୍ଲକ ଗୁଡୁପାହି ପଞ୍ଚାୟତ ଅନ୍ତର୍ଗତ ମହିଶାଳୀ ନଦୀ ମୁହାଣକୁ ସଫେଇ କରିଛନ୍ତି। ସେଠାରେ ବାଲିରେ ପୋତି ରହିଥିବା ପରିତ୍ୟକ୍ତ ଓ ଛିଣ୍ଡା ଜାଲ ଏବଂ ଭାସୁଥିବା ଛିଣ୍ଡା ଜାଲକୁ ସଂଗ୍ରହ କରି ଉଚ୍ଚ ଆଡ଼ିରେ ଠୁଳ କରି ରଖାଯାଇଥିଲା। ସ୍ଥାନୀୟ ଦୋକାନୀ ଓ ଗ୍ରାମବାସୀଙ୍କୁ ନୀଳରକ୍ତ କଙ୍କଡ଼ାର ଉପକାରିତା ଓ ସୁରକ୍ଷା ବିଷୟରେ ସଚେତନ କରାଯାଇଥିଲା। ଏହି ଅଭିଯାନରେ ମୁନ କମ୍ୟୁନିକେଶନର ଅବନୀ କୁମାର ଜେନା, ନୀଳରକ୍ତ କଙ୍କଡ଼ା ସୁରକ୍ଷା ମଞ୍ଚର ସଭାପତି ଶିଳ୍ପୀ କେଶୁ ଦାସ, ଏବିସିର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ନୀଳରକ୍ତ କଙ୍କଡ଼ାର ଗବେଷିକା ଉପାସନା ପଟ୍ଟନାୟକ, ପ୍ରୋଜେକ୍ଟ ଫେଲୋ ଶୁଭମ୍ କାନୁନ୍‌ଗୋ, ଆରଣ୍ୟକର ସୁଧାକର ସେଠୀ, ଗୁଡୁପାହି ମତ୍ସ୍ୟଜୀବୀ କମ୍ୟୁନିଟିର କର୍ମକର୍ତ୍ତା ବସନ୍ତ ବର୍ମନ, ଯୁଧିଷ୍ଠିର ମଣ୍ଡଳ, ମକରା ସୋରେନ, ହାରୁ ମାଇତି, ଅର୍ଜୁନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ୯ଟି ଛିଣ୍ଡା ଜାଲ ଗଦାରୁ ଅଣ୍ଡିରା କଙ୍କଡ଼ା ଖୋଳ ୧୦୫ ଓ ମାଈ କଙ୍କଡ଼ା ଖୋଳ ୯୦ଟି ମିଳିଥିଲା।

ଏ ସମ୍ପର୍କରେ ଶିଳ୍ପୀ କେଶୁଦାସ କହନ୍ତି, ନୀଳରକ୍ତ କଙ୍କଡ଼ା ସୁରକ୍ଷାର ସଚେତନତା ପାଇଁ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ପ୍ରଶାସନ ଓ ରାଜନେତାଙ୍କୁ ବହୁବାର ଆବେଦନ କଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ସମସ୍ତେ ସଚେତନ ନ ହେଲେ ବିରଳ ନୀଳରକ୍ତ କଙ୍କଡ଼ା ବିଲୁପ୍ତ ହୋଇଯିବ ବୋଲି କହିଛନ୍ତି।

## ବଦଳିଲେ ବଳରାମପୁର ଆର୍‌ଆଇ

ଲଙ୍ଗଳେଶ୍ୱର,୧୬।୩(କମଳାକାନ୍ତ ଦାସ)

ବାଲିଆପାଳ ବ୍ଲକ ବଳରାମପୁର ରାଜସ୍ୱ ନିରୀକ୍ଷକ(ଆରଆଇ) ଅଜିତ କୁମାର ପ୍ରଧାନ ଜଣେ ଜମିମାଲିକଙ୍କଠାରୁ ଜମି ପଟ୍ଟା ଅନଲାଇନରେ ଅପଲୋଡ୍ କରିବା ପାଇଁ ଲାଞ୍ଚ ନେବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବାଲିଆପାଳ ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ। ବାଲିଆପାଳ ତହସିଲ ଅର୍ଡର ନଂ.୧୧ ମେମୋ ନମ୍ବର ୧୪୬୦ରେ ଆରଆଇ ପ୍ରଧାନଙ୍କୁ ବଳରାମପୁରରୁ ପଞ୍ଚୁପାଲି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଏନେଇ ତହସିଲଦାରଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

ସରକାରୀ କାର୍ଯ୍ୟାଳୟରେ କୌଣସି ହିତାଧିକାରୀଙ୍କଠାରୁ ଲାଞ୍ଚ ନ ନେବା ପାଇଁ କଡ଼ା ନିର୍ଦ୍ଦେଶ ରହିଥିବା ବେଳେ କିଛି ଅସାଧୁ କର୍ମଚାରୀ ବିନା ହାତଗୁଞ୍ଜାରେ କୌଣସି କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହୋଇଛି।

### ଜମିମାଲିକଙ୍କଠାରୁ ଲାଞ୍ଚ ନେବା ଘଟଣା

ସୂଚନା ଅନୁଯାୟୀ, ବଣିଆଡ଼ିହା ପଞ୍ଚାୟତ ଜଲେଶ୍ୱରପୁର ଗ୍ରାମର ସୁବାସ ଦାସ ଗୁରୁବାର ପୂର୍ବାହ୍ନରେ ଜମି ପଟ୍ଟା ଅନଲାଇନରେ ଅପଲୋଡ୍ କରିବା ପାଇଁ ବଳରାମପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଡ୍ୟୁଟିରେ ଥିବା ରାଜସ୍ୱ ନିରୀକ୍ଷକ ଅଜିତ ପ୍ରଧାନ ଜମି ପଟ୍ଟା ଅପଲୋଡ୍ କରିବା ପାଇଁ ଶହେ ଟଙ୍କା ଦେବା ପାଇଁ ବାଧ୍ୟତାମୂଳକ ବୋଲି କହିଥିଲେ। ଟଙ୍କା ନେବା ପରେ କୌଣସି ରସିଦ ମଧ୍ୟ ଦେଇ ନ ଥିଲେ। ତେବେ ଅନ୍‌ଲାଇନ ଅପଲୋଡ୍ ଦେୟମୁକ୍ତ ଥିବା ବେଳେ କ'ଣ ପାଇଁ ଟଙ୍କା ନେଉଛ ବୋଲି ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏନେଇ ସୁବାସ ବାଲିଆପାଳ ତହସିଲଦାର ସେଠୀଙ୍କଠାରେ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ କରି ତହସିଲଦାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# ଦିଅଁ ଦର୍ଶନ କଲେ ୫୦ ହଜାର ଶ୍ରଦ୍ଧାଳୁ



ଶ୍ରଦ୍ଧାଳୁମାନେ ଦିଅଁ ଦର୍ଶନ କରୁଛନ୍ତି।

ଖଇରା,୧୬।୩(ଉତ୍କଳବନ୍ଧୁ ପଣ୍ଡା)

### ଐତିହାସିକ ପତିରାଜପୁର ଦୋଳ ମେଳଣ

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଐତିହାସିକ ପତିରାଜପୁର ଦୋଳ ମେଳନ ଶୁକ୍ରବାର ରାତିରୁ ଆରମ୍ଭ ହୋଇଛି। ଶଙ୍ଖ, ହୁଳହୁଳି, ଖୋଳ କରତାଳ ସାଙ୍ଗକୁ ପାରମ୍ପରିକ ନାଚଗୀତ ମଧ୍ୟରେ ସୁସଜ୍ଜିତ ବିମାନରେ ଦୋଳଗୋବିନ୍ଦ ବିରାଜମାନ ହୋଇ ମେଳା ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଚଳିତ ବର୍ଷ ବିଭିନ୍ନ ଅଞ୍ଚଳରୁ ୭୫ ଦୋଳବିମାନ ଚାରରେ ଶୋଭାମଣ୍ଡନ କରିଥିଲେ। ପୂର୍ବ ଦ୍ୱାର ଦେଇ ସାରଡାଙ୍ଗ, ଭୁଗୁପୁର, ଦାମୋଦରପୁର, ପତିରାଜପୁର, ନନ୍ଦୁର, ସୁଙ୍ଗୁଡା, ଅଲିପୁର, ହରନବାବୀ ଅଞ୍ଚଳରୁ ଦୋଳବିମାନ ଏବଂ ପଶ୍ଚିମ ତୋରଣ ଦେଇ ଅମରିଆ, ମୁହଁରୁଆଁ, ଖାନପୁର, ପାଣିଛତ୍ର, ମନୋହରପୁର ଗ୍ରାମର ବିମାନ ମଣ୍ଡପକୁ ପ୍ରବେଶ କରିଥିଲେ। ସେହିଭଳି ଖଣ୍ଡପଡ଼ା, ସାରୁଗାଁ, ଫଗୁଣା, ତେଲଦିଆ, ବଣପାରିଆ, ଗୋଳିହା, ମଳିହା, କଣ୍ଟାପଡା ଶାସନ ଇତ୍ୟାଦି ଗ୍ରାମର ବିମାନ ଉତ୍ତର ଦ୍ୱାର ଦେଇ ଏବଂ ଡୁଙ୍ଗୁରା, ବାରାପୁର ଓ ବାଣପୁର ଗ୍ରାମର ବିମାନ ଦକ୍ଷିଣ ଦ୍ୱାର ଦେଇ ମଣ୍ଡପକୁ ବିଜେ କରିଥିଲେ। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ତାଙ୍କ ସ୍ତ୍ରୀ କୁନ୍ତଳାକୁମାରୀ ଦିଅଁ ଦର୍ଶନ କରି ସିମୁଳିଆ ଓ ଖଇରାବାସୀଙ୍କ ଉନ୍ନତି କାମନା କରିଥିଲେ। ଚଳିତ ବର୍ଷ ଆନୁମାନିକ ୫୦ ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଭିଡ଼ ନିୟନ୍ତ୍ରଣ ଲାଗି ମେଳା କମିଟି ଓ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକଙ୍କ ତତ୍ତ୍ୱାବଧାନରେ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ବ୍ରହ୍ମାନନ୍ଦ ସୋସିଆଲ ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଳୁଙ୍କ ଲାଗି ଜଳଛତ୍ରର ବ୍ୟବସ୍ଥା ଏବଂ ରାଜ୍ୟ ଇଲେକ୍ଟ୍ରୋ ହୋମିଓପାଥିକ ଚିକିତ୍ସକ ସଂଘ ଏବଂ ଡୁଙ୍ଗୁରା ଆରୋଗ୍ୟ କ୍ଲିନିକର ମିଳିତ ସହଯୋଗରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି।

## ୨ ଅଭିନେତ୍ରୀ ଗୁରୁତର

### ପୋଲ ତଳକୁ ଖସି ପଡ଼ିଲା ସ୍କୁଟି

ସୋର,୧୬।୩(ଜନ୍ମେଜୟ ମିଶ୍ର)

ସୋର ଥାନା ୧୬ନଂ. ଜାତୀୟ ରାଜପଥ ଦହିସଡ଼ା ଛକ ନିକଟରେ ଶନିବାର ସକାଳେ ଏକ ଅଜଣା ଗାଡ଼ି ଧକାରେ ସ୍କୁଟି ସହ ପୋଲ ତଳକୁ ଖସିପଡି ୨ ଯାତ୍ରା ଅଭିନେତ୍ରୀ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଜଳେଶ୍ୱର ଅଞ୍ଚଳର ଝିଲି ସାହାଣୀ ଏବଂ ପାଣିକୋଇଲି ଅଞ୍ଚଳର ପାୟଲ ପଣ୍ଡା ଗ୍ରାମାଞ୍ଚଳରେ ହେଉଥିବା ଯାତ୍ରାରେ ଅଭିନେତ୍ରୀ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ରାତିରେ ଉଭୟ ଗୋପାଳପୁର ଅଞ୍ଚଳରେ ଯାତ୍ରା ସାରି ସ୍କୁଟି ଯୋଗେ ସୋରରେ ରହୁଥିବା ଭଡ଼ା ଘରକୁ ଫେରୁଥିବା ବେଳେ ଦହିସଡ଼ା ଛକ ନିକଟରେ ଏକ ଅଜଣା ଗାଡ଼ି ସ୍କୁଟି ପଛରୁ ଧକ୍କା ଦେଇ ପଳାଇ ଯାଇଥିଲା। ଫଳରେ ଉଭୟ ସ୍କୁଟି ସହ ୨୦ ଫୁଟ ପୋଲ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ।

## ଅଁଳାପାଳ ସଂରକ୍ଷିତ ଜଙ୍ଗଲରେ ନିଆଁ

ନୀଳଗିରି,୧୬।୩(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବ୍ଲକ ବରହମପୁର ଥାନା ଅନ୍ତର୍ଗତ ନରଣପୁର ଏବଂ ମାଟିଆଳି ବିଟ୍ ଅନ୍ତର୍ଗତ ଅଁଳାପାଳ ସଂରକ୍ଷିତ ଜଙ୍ଗଲରେ ରବିବାର ପୂର୍ବାହ୍ନରେ ନିଆଁଲାଗି ବହୁ ଔଷଧୀୟ ବୃକ୍ଷ ସହିତ ମୂଲ୍ୟବାନ ଗଛର ପୁହାଗଛ ଜଳିପୋଡ଼ି ଛାରଖାର ହେଇଯାଇଛି। ନିଆଁ ପ୍ରକୋପରେ ରାସ୍ତାରେ ଯାତାୟାତ କରୁଥିବା ବାଟୋଇ ଏବଂ ଜଙ୍ଗଲ ନିକଟରେ ବସବାସ କରି ରହୁଥିବା ଲୋକେ ଭୟଭୀତ ହୋଇଯାଇଥିଲେ। ବିଶେଷ କରି ଚାଳଛପର ଘର ଥିବା ଲୋକମାନେ ନିଜ ଘରକୁ ନିଆଁ ଦାଉରୁ ସୁରକ୍ଷା ପାଇଁ ପାଣି ଗରା, ବାଲ୍‌ତି ଧରି ଚାଳ ଉପରେ ବସିଥିବା ଦେଖିବାକୁ ମିଳିଥିଲା। ବନ ବିଭାଗ କର୍ମଚାରୀ ବିଳମ୍ବରେ ପହଞ୍ଚି ନିଆଁ ଲିଭାଉଥିବା ଦେଖାଯାଇଥିଲା। କୌଣସି ଦୁର୍ବୃତ୍ତ ଗଛ ତଳେ ଜମା ହୋଇଥିବା ପତ୍ରରେ ନିଆଁ ଲଗାଇ ଦେଇଥିବା ନୀଳଗିରି ରେଞ୍ଜ ଅଧିକାରିଣୀ ଆଇସା ଏ ନିଶା ସୂଚନା ଦେଇଛନ୍ତି।

## ଦିଗାମ୍ବରୀ ପୀଠରେ ଶତଚଣ୍ଡୀ ମହାଯଜ୍ଞ

ବାହାନଗା,୧୬।୩(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ୍ ଷଠୀ ନିକଟସ୍ଥ ଗନ୍ଧିଣା ଗ୍ରାମରେ ଥିବା ଦିଗାମ୍ବରୀ ପୀଠ ପରିସରରେ ବାହାନଗା ମଣ୍ଡଳ ଆର୍ଯ୍ୟବ୍ରହ୍ମ ପରିଷଦ ପକ୍ଷରୁ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଶତଚଣ୍ଡୀ ମହାଯଜ୍ଞ ଆୟୋଜିତ ହୋଇଯାଇଛି। ଏହି ଉପଲକ୍ଷେ ପରିଷଦର ଦୁଇଟି ନୂତନ କାର୍ଯ୍ୟାଳୟ ଗୃହ ପ୍ରତିଷ୍ଠା କରାଯାଇଥିଲା। ଏହାକୁ ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ର ଲୋକାର୍ପଣ କରିଥିଲେ। ବାହାନଗା ମଣ୍ଡଳର ଆର୍ଯ୍ୟବ୍ରହ୍ମ ପରିଷଦର ସଭାପତି ଡ. ଯଦୁନାଥ ମିଶ୍ର, ସମ୍ପାଦକ ନିରଞ୍ଜନ ମହାପାତ୍ରଙ୍କ ଦ୍ୱାରା ଯଜ୍ଞ ଆୟୋଜିତ ହୋଇଥିଲା। ଜିଲା ବ୍ରାହ୍ମଣ ସମିତି ସଭାପତି ଓ କାର୍ଯ୍ୟକାରୀ ସଭାପତି ଡ. କ୍ଷୀତେଶ୍ୱର ଦାଶ, ଉପସଭାପତି କୃଷ୍ଣଚନ୍ଦ୍ର ପତି, ସମ୍ପାଦକ ଗୌରଚନ୍ଦ୍ର ଦାଶ, ବୈଦ୍ୟନାଥ ଆଚାର୍ଯ୍ୟ, ଉତ୍ତର ଓଡ଼ିଶା ସଂଗଠନର ସମ୍ପାଦକ ଭୃଗୁରାମ ପତିଙ୍କ ସମେତ ଜିଲାର ୧୨ଟି ବ୍ଲକ୍‌ରୁ ଆସିଥିବା ବ୍ରାହ୍ମଣମାନଙ୍କୁ ନେଇ ଏହି ଯଜ୍ଞ କରାଯାଇଥିଲା। କାର୍ତ୍ତା ଭାବେ ଶଶୀ ଭୂଷଣ ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର କାର୍ଯ୍ୟ ତୁଲାଇ ଥିଲେ।

## ବେତନଟୀ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

ବେତନଟୀ,୧୬।୩ (ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ୩୫ନଂ. ଜୋନ ନିମନ୍ତେ ଧର୍ମଶାଳା ସମ୍ମୁଖରେ ନୂତନ ଭାବେ ଭାଜପା ପାର୍ଟି କାର୍ଯ୍ୟାଳୟ ଶୁକ୍ରବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ାଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବଡ଼ସାହି ବିଧାୟକ ସନାତନ ବିଜୁଳି ଓ ଭାଜପା ଜିଲା ସଭାପତି ନିହାର ରଞ୍ଜନ ମୋଦି ଉପସ୍ଥିତ ଥିଲେ। ଉଦଘାଟନୀ ଉତ୍ସବରେ ଯୁବ ନେତା ଚନ୍ଦ୍ର ଶେଖର ବେରା, ବିକାଶ ଦାସ, ରାକେଶ ମହାନ୍ତ, ସଞ୍ଜୀବ ଜେନା, କେଶବ ନାଥ, ସୌମ୍ୟ ମହାପାତ୍ର, ହିମାଂଶୁ କବାଟ, ଅନିଲ ମହାପାତ୍ର, ଟିକି ପାତ୍ର, ମନୋଜ ପଣ୍ଡାଙ୍କ ସମେତ ଭାଜପାର ଶତାଧିକ କାର୍ଯ୍ୟକାରୀ ସଦସ୍ୟା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବେତନଟୀ ଅଞ୍ଚଳର ବରିଷ୍ଠ ଭାଜପା ନେତୃବୃନ୍ଦଙ୍କୁ ଦେଖିବାକୁ ମିଳି ନ ଥିଲା। ଯାହାକି ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି।

## ସ୍ୱାମୀଙ୍କ ଚାପୁଡ଼ାରେ ସ୍ତ୍ରୀ ମୃତ

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ କୁଳିଅଣା (ଗୋପୀନାଥ ବେହେରା),୧୬।୩

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ଟଙ୍ଗାଶୋଳ ଅଞ୍ଚଳରେ ପରକ୍ରୀୟା ପ୍ରୀତିକୁ ନେଇ ସ୍ୱାମୀଙ୍କ ଚାପୁଡ଼ା ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ରାତିରେ ଏହି ଘଟଣା ଘଟିଥିବା ବେଳେ ସ୍ତ୍ରୀଙ୍କ ମୃତଦେହ ପାଖରେ ରାତିସାରା ଜଗି ରହିଥିଲେ ସ୍ୱାମୀ। ମୃତା ମହିଳା ହେଲେ ଟଙ୍ଗାଶୋଳ ଗ୍ରାମର ସବିତା ଭୋକ୍ତା। ଅଭିଯୁକ୍ତ ମୃତା ସବିତାଙ୍କ ସ୍ୱାମୀ ଚରଣ ଭୋକ୍ତାଙ୍କୁ ପୋଲିସ ଶନିବାର ଗିରଫ କରିଥିବା ବେଳେ କ୍ରାଇମ୍ ସିନ୍ ରିକ୍ରିଏଶନ କରିବା ସହ ତାଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଚରଣ ବୈଦିକ ବାନ୍ଧବୀଙ୍କ ସହ ମୋବାଇଲରେ କଥାବାର୍ତ୍ତା ହେଉଥିବା ଜାଣି ସବିତା ବିରୋଧ କରିଥିଲେ। ଏହାକୁ ନେଇ ଶୁକ୍ରବାର ରାତି ପ୍ରାୟ ୯ଟା ବେଳେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଚରଣ ଶକ୍ତ ଚାପୁଡ଼ା ମାରିବାରୁ ସବିତାଙ୍କ ମୃତ୍ୟୁ ଘଟିଥିଲା। ସବିତାଙ୍କ ମୃତ୍ୟୁ ପରେ ରାତିତମାମ ଚରଣ ମୃତଦେହ ପାଖରେ ଜଗି ରହିଥିଲେ। ମୃତ ସବିତାଙ୍କ ଭାଇ ଘଟଣା ସମ୍ପର୍କରେ ଜାଣିବା ପାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ଚରଣଙ୍କୁ ଗିରଫ କରିଥିଲା। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିଥିଲା। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଯାଇଥିଲା।

## ଟିପ୍ପର ମାଲିକ ସଂଘର ଚକାବନ୍ଦ ଆନ୍ଦୋଳନ

ଭୋଗରାଇ,୧୬।୩ (ପ୍ରଦୀପ ଦାସ)

### ୩ ଦିନ ଲଘୁଖଣିଜ ପରିବହନ ଠପ୍

ଉତ୍ତର ବାଲେଶ୍ୱର ଟିପ୍ପର, ହାଇୱେ ଟିପ୍ପର ଓ ଟ୍ରାକ୍ଟର ଆସୋସିଏସନ ବାଲେଶ୍ୱର ଜିଲା ଭୋଗରାଇ ଶାଖା ପକ୍ଷରୁ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଟିପ୍ପର ଚକାବନ୍ଦ ଧର୍ମଘଟ କରାଯାଇଛି। ଏଭଳି ସ୍ଥିତିରେ ଶତାଧିକ ଟିପ୍ପର ବାଲି, ଚିପ୍ସ ଓ ମରମ ଖାଦନକୁ ଯାଇ ନ ପାରି ଅଟକି ରହିଥିବାରୁ ଲଘୁ ଖଣିଜ ସାମଗ୍ରୀ ପରିବହନ ଠପ୍ ହୋଇଯାଇଛି। ଫଳରେ ଗରିବ ଲୋକଙ୍କ ଆବାସ ଯୋଜନା, ସରକାରୀ ଓ ଘରୋଇ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଗାଡ଼ି ଚଳାଚଳ ବନ୍ଦ ଯୋଗୁ ଡ୍ରାଇଭର, କର୍ମଚାରୀ ନିଜର କର୍ମ ସଂସ୍ଥାନ ହରାଇ ଘରେ ବସିଛନ୍ତି। ଅବିଳମ୍ବେ ଟିପ୍ପର, ଡମ୍ପର ଓ ଟ୍ରାକ୍ଟର ବୋଝେଇ ଗାଡ଼ିକୁ ଲଘୁ ଖଣିଜ, ରାଜସ୍ୱ ଓ ପୋଲିସ ବିଭାଗ ମାତ୍ରାଧିକ ଜୁଲୁମ ଓ ଜରିମାନା ଆଦାୟକୁ ପ୍ରତ୍ୟାହାର କରି ସାଧାରଣ ଲୋକ ଓ ସରକାରୀ କାର୍ଯ୍ୟରେ ବ୍ୟବହୃତ ବାଲି, ଚିପ୍ସ ସାମଗ୍ରୀକୁ ଛାଡ଼ ନ କଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଟିପ୍ପର ମାଲିକ ସଂଘର ସଭାପତି ସୁବଳ ଚନ୍ଦ୍ର ସାମଲ, ସମ୍ପାଦକ ଜୟ ପ୍ରକାଶ ନାରାୟଣ ସାହୁ, ସଞ୍ଜୟ କୁମାର ଦେ, ହରିଶ ବେହେରା, ଅନିରୁଦ୍ଧ ବେହେରା, ନିମାଇଁ ଚରଣ ମଣ୍ଡଳ ସୁବ୍ରତ ଦାସ, ପ୍ରଶାନ୍ତ ତ୍ରିପାଠୀ, ନବ ପ୍ରଦୀପ ଦାସ, ଅମୁଲ୍ୟ ଖଟୁଆ ପ୍ରମୁଖ କର୍ମକର୍ତ୍ତା ସରକାରଙ୍କୁ ଚେତାବନୀ ଦେଇଛନ୍ତି।

ଟିପ୍ପର ଗାଡ଼ିକୁ ରାସ୍ତାରେ ବେଆଇନ ଭାବେ ଅଟକାଇ ଚାନ୍ଦା ଆଦାୟ ଓ ଜୁଲୁମ ବନ୍ଦ କରିବା, ବାଲି, ଚିପ୍ସ ଓ ମୋରମ ଖଣି ଖାଦନରେ ଠିକ୍ ରୟାଲିଟି ନେଇ ସରକାରୀ ବାଲିଘାଟ ସ୍ଥାନ ଚିହ୍ନଟ କରି ସେଠାରେ ଫଳକ ଲଗାଇ ଟିପ୍ପର ଡ୍ରାଇଭରଙ୍କୁ ସୂଚନା ଦେବା, ବାଲି, ଚିପ୍ସ ଖାଦନରେ ବିଭାଗୀୟ କର୍ମଚାରୀଙ୍କୁ ମୁତୟନ କରିବା, ଜିଲାରେ ସମସ୍ତ ଟିପ୍ପର, ଡମ୍ପର ଓ ଟ୍ରାକ୍ଟର ଗାଡି ଡ୍ରାଇଭର, କର୍ମଚାରୀ ଓ ମାଲିକଙ୍କ ଉପରେ ଲାଗିଥିବା କଠୋର ଆଇନ ପ୍ରତ୍ୟାହାର କରିବା ଆଦି ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି।

## ବିସ୍ଥାପିତଙ୍କୁ ଥଇଥାନ ପାଇଁ ଦାବି କଲେ ବିଧାୟକ

ବାଲେଶ୍ୱର,୧୬।୩(ବାଞ୍ଛାନିଧି ଦେ)

### ଜାଗା ଚିହ୍ନଟ ସହ ଥଇଥାନ ବ୍ୟବସ୍ଥା ଖୁବ୍ ଶୀଘ୍ର : ମନ୍ତ୍ରୀ

ବାଲେଶ୍ୱର ସହର ଓ ଉପକଣ୍ଠ ଅଞ୍ଚଳରେ ରେଳ ବିଭାଗ ଜମିରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସେମାନଙ୍କୁ ଅନ୍ୟତ୍ର ଥଇଥାନ ପାଇଁ ବାରମ୍ବାର ଦାବି ହୋଇଆସୁଛି। ଉଚ୍ଛେଦ ହୋଇଥିବା ଗରିବ ବସ୍ତିବାସିନ୍ଦାଙ୍କୁ ଥଇଥାନ ଉଦ୍ଦେଶ୍ୟରେ ବାସପୋଯୋଗୀ ଜମି ପଟ୍ଟା ପ୍ରଦାନ ନେଇ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଗୁରୁବାର ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ। ବିଶେଷ କରି ଅରଡବଜାର, ଗଳାପୋଲ ଓ ଗୋଧିବସା ଅଞ୍ଚଳର ରେଳ ବିଭାଗ ଜମିରୁ ଉଚ୍ଛେଦ ହୋଇଥିବା ଗରିବ ତଥା ଭୂମିହୀନ ଆଦିବାସୀ ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ବାଲେଶ୍ୱର ସହର ନିକଟବର୍ତ୍ତୀ ସ୍ଥାନରେ ଥଇଥାନ ନିମନ୍ତେ ଜମି ଆବଣ୍ଟନ ପାଇଁ ବ୍ୟବସ୍ଥା କରିବାକୁ ବିଧାୟକ ଦାବି ଉପସ୍ଥାପନ କରିଥିଲେ। ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ଅଦ୍ୟାବଧି ଥଇଥାନ ହୋଇଥିବା ବ୍ୟକ୍ତିଙ୍କ ତାଲିକା ପ୍ରଦାନ ନିମନ୍ତେ ସେ କହିଥିଲେ।



ବିଧାନସଭାରେ ନିଜର ପ୍ରଶ୍ନ ଉପସ୍ଥାପନ କରୁଛନ୍ତି ବିଧାୟକ ମାନସ ଦତ୍ତ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଏହି ପ୍ରଶ୍ନର ଉତ୍ତରରେ କହିଥିଲେ, ଅଦ୍ୟାବଧି ସରକାରୀ ନିୟମ ଅନୁଯାୟୀ ଯୋଗ୍ୟ ବିବେଚିତ ଭୂମିହୀନ ପରିବାରଙ୍କୁ ଥଇଥାନ ପାଇଁ ପ୍ରକ୍ରିୟା ଜାରି ରହିଛି। ଅରଡ଼ବଜାର, ଗଳାପୋଲ ଓ ଗୋଧିବସା ଅଞ୍ଚଳର ରେଳ ବିଭାଗ ଜମିରୁ ଉଚ୍ଛେଦ ହୋଇଥିବା ବହୁ ଆଦିବାସୀ ପରିବାରଙ୍କୁ ଯୋଗ୍ୟ ବିବେଚିତ ସହ ପଟ୍ଟା ପ୍ରଦାନ ପାଇଁ ଚୟନ କରାଯାଇଛି। ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ଓ ଉଚ୍ଛେଦ ହେଉଥିବା ଲୋକଙ୍କୁ ଥଇଥାନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ବାଲେଶ୍ୱର ସଦର ବ୍ଲକ ନଗ୍ରମ ରାଜସ୍ୱ ନିରୀକ୍ଷକ ଅଧୀନ କସବା ଗ୍ରାମରେ ଓ ବାଲେଶ୍ୱର ଟାଉନ ରାଜସ୍ୱ ନିରୀକ୍ଷକ ଅଧୀନ ହରିଡ଼ା ଗ୍ରାମରେ ସରକାରୀ ଜମି ଚିହ୍ନଟ କରାଯାଇଥିବା ମନ୍ତ୍ରୀ ପୂଜାରୀ ପ୍ରକାଶ କରିଛନ୍ତି।










# ବିଦ୍ୟୁତ୍ ଆଘାତରେ ଡିଜେରୁ ଖସି ଯୁବକ ମୃତ

## ମେଳଣ ଶୋଭାଯାତ୍ରାରେ ଅଘଟଣ

ତିହିଡ଼ି, ୧୬।୩(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ମୁକୁନ୍ଦପୁର ପଞ୍ଚାୟତ କାଳିମେଘା ମେଳଣ ଶୋଭାଯାତ୍ରାରେ ଅଘଟଣ ଘଟିଛି। ଶୁକ୍ରବାର ରାତିରେ ଶୋଭାଯାତ୍ରାରେ ସାମିଲ ଥିବା ଡିଜେ ଉପରେ ଜଣେ ଯୁବକ ବିଦ୍ୟୁତ୍ ଆଘାତ ପାଇ ତଳକୁ ଖସି ପଡ଼ିବାରୁ ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତାଳପଦା ଗ୍ରାମର ହୃଷୀକେଶ ଜେନା(୩୮)। ସୂଚନା ଅନୁଯାୟୀ, ତାଳପଦାରୁ କାଳିମେଘା ମେଳଣକୁ ଦୋଳ ବିମାନ ଶୋଭାଯାତ୍ରାରେ ଯାଉଥିଲା। ଶୋଭାଯାତ୍ରାରେ ସାମିଲ ଥିବା ଡିଜେ ଉପରେ ହୃଷୀକେଶ ବସିଥିଲେ। ରାସ୍ତାରେ ୧୧ କେଭି ବିଦ୍ୟୁତ୍ ତାରକୁ ଏକ ବାଉଁଶ ସହାୟତାରେ ଟେକିବା ବେଳେ ବିଦ୍ୟୁତ୍ ଆଘାତ ପାଇ ସେ ତଳକୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିହିଡ଼ି ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରଲୋକ



ଗଦାଧର ସାହୁ।

ବନ୍ତ, ୧୬।୩(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ନିଳୋକର ପିଇଓ (ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ) ଗଦାଧର ସାହୁ(୫୦)ଙ୍କ ହୃଦ୍‌ଘାତରେ ରବିବାର ଭୋର ୪ଟାରେ ପରଲୋକ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ କେନ୍ଦୁଝର ଜିଲା ଘଷିପୁରା ସବ୍ ଡିଭିଜିନାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ନିଆଯାଉଥିଲା। ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା। ସବ୍‌ଡିଭିଜିନାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ତାଙ୍କ ଗ୍ରାମ କୁଣ୍ଡି ମହାନ୍ତିପଡ଼ାକୁ ନିଆଯାଇଥିଲା। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଡିଓ ନିଶିକାନ୍ତ ଖୁଣ୍ଟିଆ, ମହାନ୍ତିପଡ଼ା ସରପଞ୍ଚ ନୀହାର ରଞ୍ଜନ ପଣ୍ଡା, ସମିତିସଭ୍ୟ ନିର୍ମଳ କୁମାର ନାୟକ, ପୂର୍ବତନ ସରପଞ୍ଚ ସତ୍ୟବାନ ଦାସଙ୍କ ସମେତ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ କର୍ମଚାରୀ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ଏକମାତ୍ର ପୁଅ ପିୟୁଷକାନ୍ତ ମୁଖାଗ୍ନି ଦେଇଥିଲେ। ଗଦାଧର ୫ ମାସ ତଳେ ସେ ବନ୍ତ ବ୍ଲକକୁ ବଦଳି ହୋଇ ଆସି ନିଳୋକ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିଆସୁଥିଲେ। ଏଥିସହ ଗୋବିନ୍ଦପୁର ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ କାର୍ଯ୍ୟରେ ନିୟୋଜିତ ଥିଲେ।

# ଟ୍ରାକ୍ଟର ଚକା ତଳେ ଗଲା ଶିଶୁକନ୍ୟା ଜୀବନ

## ଟ୍ରାକ୍ଟର ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ

ଭଦ୍ରକ, ୧୬।୩(ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କମାରିଆ ବସପୁର ଛକରେ ରବିବାର ଅପରାହ୍ଣରେ ଟ୍ରାକ୍ଟର ଚାପାରେ ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତା ଶିଶୁକନ୍ୟା ହେଲେ ଗୁଜିଦରଡ଼ା ଗ୍ରାମର ଶେଖ୍ ସବାକ୍ ତୁଲାଙ୍କ ଝିଅ ସାହିସ୍ତା ନିଘର(୪)। ଏହି ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଟ୍ରାକ୍ଟରକୁ ଜାଳିଦେବା ସହ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା।

ସୂଚନା ଅନୁଯାୟୀ, ଅପରାହ୍ଣ ପ୍ରାୟ ୫ଟା ବେଳେ ଶେଖ୍ ସବାକ୍ ତୁଲା ଝିଅ ସାହିସ୍ତାଙ୍କୁ ବାଇକ୍‌ରେ ନେଇ ଘରକୁ ଫେରୁଥିବା ବେଳେ କମାରିଆ ବସପୁର ଛକରେ ଏକ ଇଟା ବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ସାହିସ୍ତା ତଳେ ପଡ଼ିଯିବା ପରେ ଟ୍ରାକ୍ଟର ଚକା ତାଙ୍କ ଉପରେ ଚଢ଼ିଯିବାରୁ ତାଙ୍କ ମୃତ୍ୟୁ ଘଟିଥିଲା। ଉତ୍ତ୍ୟକ୍ତ ଲୋକ ଟ୍ରାକ୍ଟରରେ ନିଆଁ ଲଗାଇଦେବା ସହ ଦୁର୍ଘଟଣାସ୍ଥଳରେ କ୍ଷତିପୂରଣ ଦାବିରେ ମୃତଦେହ ରଖି ବସିଥିଲେ। ଖବରପାଇ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ସିଟି ଡିଏସ୍‌ପି ସମ୍ପିତ କୁମାର ମାଝୀ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟରେ ମୃତା ଶିଶୁକନ୍ୟାଙ୍କ ସମ୍ପର୍କୀୟ ଓ ପୋଲିସ ପ୍ରଶାସନ ମଧ୍ୟରେ ଏହାର ସମାଧାନ ପାଇଁ ଆଲୋଚନା କରାଯାଇଛି। ଅପରପକ୍ଷେ ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଶେଖ୍ ସବାକ୍ ତୁଲାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଛି।



ଲୋକେ ଜାଳି ଦେଇଥିବା ଟ୍ରାକ୍ଟର।

# ହୋଲି ଖେଳିଲେ ଭାଜପା ରାଜ୍ୟ ସଭାପତି



ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଲୋକଙ୍କ ସହ ହୋଲି ଖେଳୁଛନ୍ତି।

ଚାନ୍ଦବାଲି, ୧୬।୩ (କିଷାନ ପାତ୍ର)

ଚାନ୍ଦବାଲିରେ ଲୋକଙ୍କ ସହ ମିଶି ହୋଲି ଖେଳିଲେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ। ଚାନ୍ଦବାଲି ବଜାର ସମେତ ବିଭିନ୍ନ ସ୍ଥାନ, ଏନ୍‌ଏସିର ବିଭିନ୍ନ ୱାର୍ଡ ଓ ପଞ୍ଚାୟତରେ ସେ ବୁଲିବା ସହ ଲୋକଙ୍କୁ ରଙ୍ଗ ଲଗାଇଥିଲେ। ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ଘର ଘର ବୁଲି ହୋଲିର ଶୁଭେଚ୍ଛା ଓ ମଙ୍ଗଳ କାମନା କରିବା ସହ ରଙ୍ଗ ଖେଳିଥିଲେ। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ରାଉଳ, ଭାଜପା ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ନଗର ସଭାପତି ବିକାଶ ବେହେରା, ଜଗନ୍ନାଥ ରାଉଳ, ସନ୍ତୋଷ ବାରିକ, ସ୍ମୃତି ରଞ୍ଜନ ନାୟକ, ଦେବାଶିଷ ନାୟକ, ଚନ୍ଦନ ରାଉତ, ଦିଲୀପ ରାଉତ, ଶଶିକାନ୍ତ ଦାସ, ପୂର୍ଣ୍ଣ ପାଣି, କାହ୍ନୁ ବେହେରା, ଅନୁପ ଜେନା, ମୀନକେତନ ବିଶ୍ୱାଳ, ନୀଳମଣି ପଣ୍ଡାଙ୍କ ସମେତ ବହୁ କର୍ମୀ ଏଥିରେ ସାମିଲ ଥିଲେ।

# ‘ପ୍ରେମ ପଖାଳର ସ୍ୱାଦ, ସ୍ମୃତି ନିଆରା’




ପ୍ରେମ ପୃଥିବୀର ସାରସ୍ୱତ ବନ୍ଧୁମିଳନ ଓ ପ୍ରେମ ପଖାଳ ମହୋତ୍ସବରେ ପ୍ରାବନ୍ଧିକ ଡ. ବୈଷ୍ଣବ ଚରଣ ସାମଲଙ୍କୁ ସମ୍ମାନିତ କରାଯାଉଛି।

ଭଦ୍ରକ, ୧୬।୩(ସନାତନ ରାଉତ)

ନିଜକୁ ଅହଂ ମୁକ୍ତ କରି ଅନ୍ୟ ଭିତରେ ଆବିଷ୍କାର ଓ ଅବସ୍ଥାପିତ କରିବା ହିଁ ପ୍ରେମ। ପ୍ରେମରେ ପୃଥିବୀ ଚଳେ, ଜୀବମଣ୍ଡଳ ଜିଏ ବୋଲି ଆରଡ଼ିଛକସ୍ଥିତ ପ୍ରେମନଗର ପରିସରରେ ରବିବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ପ୍ରେମ ପୃଥିବୀର ବାର୍ଷିକ ସାରସ୍ୱତ ବନ୍ଧୁମିଳନ ଓ ପ୍ରେମ ପଖାଳ ମହୋତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସାହିତ୍ୟ ପତ୍ରିକା ପ୍ରେମ ପୃଥିବୀର ବାର୍ଷିକ ସାରସ୍ୱତ ବନ୍ଧୁମିଳନ, ସୃଜନ ସମ୍ମାନ ପ୍ରଦାନ, ପତ୍ରିକା ଉନ୍ମୋଚନ ଏବଂ ମହୋତ୍ସବରେ ପ୍ରେମ ପଖାଳର ସ୍ମୃତି ଓ ସ୍ୱାଦ ସବୁବେଳେ ସ୍ମରଣୀୟ, ନିଆରା ବୋଲି ବକ୍ତାମାନେ କହିଥିଲେ।

କଥାକାର ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଲେଖକ, ଅଧ୍ୟାପକ ବିଶ୍ୱରଞ୍ଜନ ଓ ଅନ୍ୟତମ ଅତିଥି ଭାବେ କବି ନିରାକାର ଦାସ ଯୋଗ ଦେଇଥିଲେ। ପ୍ରେମ ପୃଥିବୀର ସମ୍ପାଦକ କୈଳାସ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ରଖିଥିଲେ। ଏହି ଅବସରରେ ପଦ୍ମଶ୍ରୀ କବି ରମାକାନ୍ତ ରଥଙ୍କ ମହାପ୍ରୟାଣରେ ନୀରବ ପ୍ରାର୍ଥନା କରାଯାଇଥିଲା। ପଦ୍ମଶ୍ରୀ କବି ଡ. ଶ୍ରୀନିବାସ ଉଦ୍‌ଗାତାଙ୍କୁ ପରମ ପ୍ରେମମୟ ପୁରୁଷ, ପ୍ରାବନ୍ଧିକ ଡ. ବୈଷ୍ଣବ ଚରଣ ସାମଲଙ୍କୁ ପ୍ରେମପୁରୁଷ, କଥାଶିଳ୍ପୀ ଡ. ଅର୍ଚ୍ଚନା ନାୟକଙ୍କୁ ପ୍ରେମ ପ୍ରକୃତି, ଡ. ନୀଳାଦ୍ରି ଭୂଷଣ ହରିଚନ୍ଦନ ଓ ମୋନା ହରିଚନ୍ଦନଙ୍କୁ ସୁଖୀ ଦମ୍ପତି ସମ୍ମାନରେ ସମ୍ମାନିତ କରାଯାଇଛି। କବି ଅଚ୍ୟୁତ ସାମଲ ଓ କିଶୋର ପାଣିଗ୍ରାହୀଙ୍କୁ ପ୍ରେମ ପୃଥିବୀ କବିତା ସମ୍ମାନ, ଗାଳ୍ପିକ ସରୋଜ ବଳଙ୍କୁ ପ୍ରେମ ପୃଥିବୀ କଥା ସମ୍ମାନ ପ୍ରଦାନ କରାଯାଇଥିଲା। ଅନ୍ତିମ ପର୍ଯ୍ୟାୟରେ ନମିତା ସାହୁଙ୍କ କବିତା ପୁସ୍ତକ ‘କବିତା ମହକ’ ପାଠକାର୍ପିତ ହୋଇଥିଲା। ଗୌରୀପ୍ରଭାର ସମ୍ପାଦକ ଇଂ. ପତିତପାବନ ପାଣି ସଭାର ଶେଷ ସ୍ପର୍ଶ ଦେଇଥିଲେ। ପୂର୍ବାହ୍ନରେ ବୈକୁଣ୍ଠନାଥ ବିଶ୍ୱାଳ, କବି ରମେଶ ଚନ୍ଦ୍ର ସ୍ୱାଇଁ ଓ ପ୍ରତିଭା ଖିଲାରଙ୍କ ସଂଯୋଜନାରେ ପ୍ରେମ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବାସୁଦେବ ବାରିକ, ଅବିନାଶ ପଣ୍ଡା, ଅଶୋକ ନାୟକ, ଗୁରୁପ୍ରସାଦ ପଣ୍ଡା, ରାମଚନ୍ଦ୍ର ମହାନ୍ତି, କେଦାର ଭଟ୍ଟାଚାର୍ଯ୍ୟ, ଅର୍ନ୍ନପୂର୍ଣ୍ଣା ପଣ୍ଡା, ବିବେକ ଭଟ୍ଟାଚାର୍ଯ୍ୟ, ପ୍ରିୟଙ୍କା ପଣ୍ଡା, ଅନୁରାଧା ପଣ୍ଡା, ଅମିତାଭ ପଣ୍ଡା, ମମତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଣ୍ଡିତ ଶିବପ୍ରସାଦ ଦାଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାସୁଦେବପୁର, ୧୬।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଅଞ୍ଚଳର ବିଶିଷ୍ଟ କାବ୍ୟକାର ତଥା କବି ପଣ୍ଡିତ ଶିବପ୍ରସାଦ ଦାଶଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା ଶନିବାର ସନ୍ଧ୍ୟାରେ ଆର୍ଡୁଁ ଗ୍ରାମସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ବିଧାୟକ ଅଶୋକ କୁମାର ଦାସ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ବରେଣ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପରେ ଶିକ୍ଷାବିତ୍ ଦୁଃଶାସନ ରାଉତଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ଦାସ, ପୂର୍ବତନ ବିଧାୟକ ମଣ୍ଡଳ, ପୂର୍ବତନ କାଉନସିଲର ସୁରେଶ ଚନ୍ଦ୍ର ମହାନ୍ତି, କବି ପ୍ରହ୍ଲାଦ ବାରିକ୍, କୈଳାସ ଚନ୍ଦ୍ର ପାଢ଼ୀ, ଅଧ୍ୟାପକ ନୀହାର ରଞ୍ଜନ କର, ସାମାଜିକ କର୍ମୀ ଭାଗୀରଥି ବଳ, ବିଜୟ ମହାନ୍ତି, ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ପଣ୍ଡା, ସତ୍ୟସାଇ ସଙ୍ଗଠନ ଜିଲା ସଭାପତି ବୃନ୍ଦାବନ ବେହେରା, ମହେଶ ଚନ୍ଦ୍ର ଦାସ, ଆଇନଜୀବୀ ସ୍ମୃତିରଞ୍ଜନ ପଳିତା, ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲିକ, ଶିକ୍ଷାବିତ୍ ଉପେନ୍ଦ୍ର ପ୍ରସାଦ ପାଢ଼ୀ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପଣ୍ଡିତ ଦାଶଙ୍କ ୩ ପୁଅ ଅରୁଣ କୁମାର ଦାଶ, ଅଜିତ୍ କୁମାର ଦାଶ ଓ ଅସିତ୍ କୁମାର ଦାଶ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅତୀତର ସ୍ମୃତି ବଖାଣିଲେ ପୁରାତନ ଛାତ୍ରୀଛାତ୍ର



ବନ୍ଧୁମିଳନ ଉତ୍ସବରେ ଯୋଗ ଦେଇଥିବା ପୁରାତନ ଛାତ୍ରୀଛାତ୍ର।

ଧୁଷୁରୀ, ୧୬।୩ (ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକ ମଠଡିହ ଉଚ୍ଚ ବିଦ୍ୟାଳୟର ୧୯୮୭ ମସିହା ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଅତୀତର ସ୍ମୃତି ବଖାଣିଥିଲେ। ଏହି ଅବସରରେ ପୂଣ୍ୟଶ୍ଳୋକ ବେହୁରିଆ ଗୀତ ଗାଇଥିଲେ। ପରେ ପ୍ରଶାନ୍ତ ବାରିକଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ଅଶୋକ ବାରିକ, ଜୟନ୍ତୀ ଦଳେଇ, ସୁନିଲ ବିଶ୍ୱାଳ, ଅପର୍ଣ୍ଣା ପଳାଇ, ନିରାକାର ବାରିକ, ଜ୍ଞାନେନ୍ଦ୍ର ନାୟକ, ବିରାଜ ଲକ୍ଷ୍ମୀ ବେହୁରିଆ, ରବୀନ୍ଦ୍ର ପରିଡ଼ା, ଅମିତା ନାୟକ, ଦାମୋଦର ମଲିକ, ସନ୍ତୋଷ ପାତ୍ର, ଉତ୍ତମା ବିଶ୍ୱାଳ, ବୈକୁଣ୍ଠ ମାଝୀ, ବିଶ୍ୱମ୍ଭର ମଲିକ, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ‘ସ୍ମୃତି ସତାଅଶୀ’ ନାମକ ଏକ କମିଟି ଗଠନ କରାଯାଇଥିଲା। ପ୍ରତିବର୍ଷ ବ୍ୟାଚ୍ ମିଟ୍ ହେବା ସହ ସମାଜର ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କୁ ବସ୍ତ୍ର ଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।

# ବିଦ୍ୟାମନ୍ଦିରରେ ଫଗୁମିଳନ

ଭଦ୍ରକ, ୧୬।୩ (ରବିନାରାୟଣ ଖିଲାର)

ଭଦ୍ରକ ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପବିତ୍ର ହୋଲି ଅବସରରେ ଫଗୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରସ୍ପରକୁ ଅବିର ଲଗାଇଥିଲେ। ଏଥିସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଭାଗବତ ମହାଳିକ, କମିଟି ସମ୍ପାଦକ ସନ୍ତୋଷ ଦାସ, କୋଷାଧ୍ୟକ୍ଷ ବସନ୍ତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇଂ. ଅଭୟ ସୂତାର, ତ୍ୟାଗଭୂମି ସଭାପତି ଅଜୟ ନାୟକ, କବି ରମେଶ ଦାସ, ପ୍ରମୋଦ ରାୟ, ସଂଯୁକ୍ତା ବଳ ନାୟକ, ସଂଯୁକ୍ତା ଯାଦବ, ଶଶିକଳା ମିଶ୍ର, ଦୀପ୍ତିମୟୀ ସାହୁ, ବୀଣାପାଣି ତ୍ରିପାଠୀ, ମାନସୀ ସୂତାର, ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ।

# ଫଗୁମିଳନ: ଖବରଦାତାମାନେ ସମାଜର ଆଇନା

ଧାମନଗର, ୧୬।୩(ଦେବେନ୍ଦ୍ର ଆଢ଼ିଆ)

ଧାମନଗର ବ୍ଲକର ଅସୁରାଳିସ୍ଥିତ ଆଇଟିଆଇ ପରିସରରେ ରବିବାର ମଧ୍ୟାହ୍ନରେ ଭଦ୍ରକ ଓ ଧାମନଗର ଅଞ୍ଚଳର ଖବରଦାତାମାନଙ୍କୁ ନେଇ ଫଗୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧାମନଗର ପ୍ରେସ୍ କ୍ଲବ୍‌ର ସଭାପତି ବୈକୁଣ୍ଠନାଥ ସାହୁ ଓ ସାଧାରଣ ସମ୍ପାଦକ ରଜତ କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଖବରଦାତା ଓ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ସମସ୍ତଙ୍କୁ ଅବିର ବୋଳି ଶୁଭେଚ୍ଛା ଜଣାଇଥିଲେ। ଖବରଦାତାମାନେ ମଧ୍ୟ ମନ୍ତ୍ରୀଙ୍କୁ ରଙ୍ଗ ଅବିର ଲଗାଇ ଶୁଭେଚ୍ଛା ଜଣାଇଥିଲେ। ଖବରଦାତାମାନେ ସମାଜର ଆଇନା। ସେମାନେ ସମାଜରେ ତୃଣମୂଳସ୍ତରରେ ରହୁଥିବା ଲୋକଙ୍କ ପାଖରେ ପହଞ୍ଚି ସମସ୍ୟା ବୁଝିଥାନ୍ତି। ସମାଧାନ ପାଇଁ ପ୍ରଶାସନ ଓ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିଥାନ୍ତି ବୋଲି ମନ୍ତ୍ରୀ କହିଥିଲେ। ଆହୁରି ୫୧ ମାସ କାର୍ଯ୍ୟକାଳ ଭିତରେ ଧାମନଗର ଅଞ୍ଚଳର ସମସ୍ୟା ଜଣାଇବାକୁ ମନ୍ତ୍ରୀ ଉପସ୍ଥିତ ଖବରଦାତାମାନଙ୍କୁ ଅନୁରୋଧ କରିଥିଲେ। ଖବରଦାତାମାନେ ମଧ୍ୟ ଲୋକଙ୍କ ଓ ସମାଜର ସମସ୍ୟା ମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିଥିଲେ। ଯେତେଶୀଘ୍ର ହୋଇପାରିବ ଏସବୁର ସମାଧାନ କରାଯିବ। ଆଗକୁ ମଧ୍ୟ ନିୟମିତ ବ୍ୟବଧାନରେ ଆଲୋଚନା କରିବେ ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ଧାମନଗରର ବନ୍ୟା ସମସ୍ୟାର ପ୍ରତିକାର, ବିଭିନ୍ନ ଅଞ୍ଚଳରେ ରାସ୍ତା ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀ ଘୋଷଣା କରିଛନ୍ତି।

# ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

ସାବରଙ୍ଗ, ୧୬।୩(କାଳିପଦ ରାୟ)

ମେଳଣ ପଡ଼ିଆରେ ବିଦ୍ୟୁତ୍ ତାର ସଜାଡୁଥିବା ବେଳେ ବାସୁଦେବପୁର ବ୍ଲକ ବେଲସାଡ଼ଁଳିଆ ଗ୍ରାମର ସୁଶାନ୍ତ ମଲିକ(୩୦) ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ଶନିବାର ରାତିରେ ସୁଶାନ୍ତ ମେଳଣ ପଡ଼ିଆରେ ତାର ସଜାଡୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ପରିବାର ଲୋକେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ମତୋ ଦେଶ ମେଳଣରେ ୧୫୦ରୁ ଊର୍ଦ୍ଧ୍ୱ ବିମାନ

ଚାନ୍ଦବାଲି, ୧୬।୩ (ଅଶୋକ ପଣ୍ଡା)

ଚାନ୍ଦବାଲି ବ୍ଲକ ମତୋର ପ୍ରସିଦ୍ଧ ଦେଶ ମେଳଣ ଶୁକ୍ରବାର ପୂର୍ବାହ୍ନରୁ ଆରମ୍ଭ ହୋଇଥିଲା। ୨୨୦ ବର୍ଷର ପୁରୁଣା ଏହି ମେଳଣରେ ୧୫୦ରୁ ଊର୍ଦ୍ଧ୍ୱ ବିମାନ ପଡ଼ିଆରେ ଏକତ୍ରିତ ହୋଇଥିଲେ। ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଦେବତାଙ୍କୁ ଅବିର ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ମେଳଣକୁ କନିକାର ୨୮ତମ ରାଜା ବଳଭଦ୍ର ଭଞ୍ଜଦେବ ୧୮୦୩ ମସିହାରେ ଆରମ୍ଭ କରିଥିଲେ। ଏଥିପାଇଁ ନୀତି ନିର୍ଦ୍ଧାରଣ ସହ ଆବଶ୍ୟକ ପଡ଼ିଆ ମଧ୍ୟ ଯୋଗାଇ ଦେଇଥିଲେ। ଦୋଳ ପୂର୍ଣ୍ଣିମାର ପୂର୍ବ ରାତିରେ ୫୦ଟି ଗ୍ରାମରୁ ବିଭିନ୍ନ ଶୋଭାଯାତ୍ରାରେ ଦେବତାଙ୍କ ବିମାନକୁ ମେଳଣ ପଡ଼ିଆକୁ ଅଣାଯାଇଥିଲା। ପ୍ରଥା ଅନୁସାରେ ଚଷାଖଣ୍ଡ ଗ୍ରାମବାସୀଙ୍କ ପକ୍ଷରୁ ଦେବତାଙ୍କୁ ପ୍ରଥମେ ଭୋଗ ଅର୍ପଣ ପରେ କମିଟିପକ୍ଷରୁ ଭୋଗ ଅର୍ପଣ କରାଯାଇଥିଲା।

# ୫୨୫ ବର୍ଷର ଦୋଳ ଉତ୍ସବ

ସାବରଙ୍ଗ, ୧୬।୩(କାଳିପଦ ରାୟ)

ବାସୁଦେବପୁର ବ୍ଲକର ବ୍ରାହ୍ମଣଗାଁରେ ଭଦ୍ରକ ଜିଲାର ସର୍ବପୁରାତନ ଦୋଳ ମେଳଣ ଶନିବାର ଅନୁଷ୍ଠିତ ହୋଇଯାଇଛି। ୧୫୦୦ ମସିହାଠାରୁ ଆରମ୍ଭ ହୋଇଥିବା ସାର୍ବଜନୀନ ଦୋଳ ମହୋତ୍ସବ ଚଳିତବର୍ଷ ୫୨୫ ବର୍ଷରେ ପହଞ୍ଚିଛି। ୫ଟି ବିମାନରୁ ମେଳଣ ଆରମ୍ଭ ହୋଇ ଆଜି ଭଦ୍ରକ ଓ ବାଲେଶ୍ୱର ଜିଲାର ୭ ପଞ୍ଚାୟତର ୪୩ରେ ପହଞ୍ଚିଛି। ଚଳିତବର୍ଷ ଶବ୍ଦ ପ୍ରଦୂଷଣକୁ ବନ୍ଦ କରି ବିନା ଡିଜେରେ ପାରମ୍ପରିକ ବାଦ୍ୟନୃତ୍ୟ, ଆତସବାଜି ସହ ହଜାର ହଜାର ଭକ୍ତଙ୍କ ଗହଣରେ ଶ୍ରୀଜୀଉ ମେଳଣ ମଣ୍ଡପରେ ବିଜେ ହୋଇଥିଲେ। ଶନିବାର ଭୋର ୪ଟା ବେଳେ ଶ୍ରୀଜୀଉମାନେ ପ୍ରସନ୍ନ କ୍ଷେମେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଅବିର ଲାଗି ହେବା ପରେ ଶ୍ରଦ୍ଧାଳୁଙ୍କ ଗହଣରେ ଚିତ୍ତାକର୍ଷକ ଆତସବାଜି ସହ ମେଳଣ ପୋଖରୀ ପରିକ୍ରମା କରି ମଣ୍ଡପରେ ବିଜେ କରିଥିଲେ। ସାର୍ବଜନୀନ ଦୋଳ ମେଳଣ କମିଟି ସଭାପତି ଅଧିକାରୀ ନିମାଇଁ ଚରଣ ଦାସ, ସମ୍ପାଦକ ଅରୁଣ କୁମାର ଶତପଥୀ, କୋଷାଧ୍ୟକ୍ଷ ତାପସ କୁମାର ମିଶ୍ର, ରବୀନ୍ଦ୍ର କୁମାର ଦାସ, ମଧୁସୂଦନ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ରବିବାର ବେଲସାଡ଼ଁଳିଆର କାଳିଆପଦା ମେଳଣ ପଡ଼ିଆରେ ମେଳଣ ଅନୁଷ୍ଠିତ ହୋଇଯାଇଛି। ୧୮୬୩ ମସିହାରୁ ଆରମ୍ଭ ହୋଇଥିବା ଏହି ମେଳଣ ଉତ୍ସବରେ ୨୫ଟି ବିମାନ ବିଜେ କରିଛନ୍ତି। ସଭାପତି ଗଜେନ୍ଦ୍ର ପ୍ରସାଦ ମିଶ୍ର, ସମ୍ପାଦକ ଲକ୍ଷ୍ମୀକାନ୍ତ ପଣ୍ଡା, ଉପସଭାପତି ଲୋକନାଥ ଦାସ, ସହସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଭଦ୍ରକ ସଦର ବ୍ଲକର ସାହାଡ଼ାଠାରେ ସାର୍ବଜନୀନ ଦୋଳ ମେଳଣ ରବିବାର ମଧ୍ୟାହ୍ନ ୧୨ଟା ବେଳେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ୨୧ ବିମାନ ପାରମ୍ପାରିକ ବାଦ୍ୟ ନୃତ୍ୟ ସହ ସାହାଡ଼ାସ୍ଥିତ ବୈଦେଶ୍ୱର ମନ୍ଦିରରେ ଅବିର ଲାଗି ହୋଇଥିଲେ। ଦୋଳ କମିଟି ସଭାପତି ପ୍ରଦୀପ ମହାପାତ୍ର, ସମ୍ପାଦକ ମାଧବାନନ୍ଦ ଦାସ, ଉପଦେଷ୍ଟା ଡା. ପୂର୍ଣ୍ଣଚନ୍ଦ୍ର ଦାସ, ଡା. ଶରତ ଦାସ, ଅଟଳ ଦାସ, ଗଦାଧର ଦାସ, କିଶୋର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସାବରଙ୍ଗ ଥାନାଧିକାରୀ ଉମାଶଙ୍କର ନାୟକଙ୍କ ନେତୃତ୍ୱରେ ପୋଲିସ ମୁତୟନ ରହିଥିଲା।



ବ୍ରାହ୍ମଣଗାଁ ମେଳଣ ପଡ଼ିଆରେ ଏକତ୍ରିତ ବିମାନ ନିକଟରେ ଲୋକଙ୍କ ଭିଡ଼।

# ପାରମ୍ପରିକ ବାଦ୍ୟ, ନୃତ୍ୟ ଆକର୍ଷଣ

## ସରିଲା ଦୋଳ ମେଳଣ

ତିହିଡ଼ି, ୧୬।୩(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ଦୋଳ ପୂର୍ଣ୍ଣିମା ରାତିରୁ ଆରମ୍ଭ ହୋଇଥିବା ମେଳଣ ରବିବାର ଶେଷ ହୋଇଛି। ମୁକୁନ୍ଦପୁର ପଞ୍ଚାୟତ ଅଧୀନ କାଳିମେଘା, ଗୁଆମାଳ ପଞ୍ଚାୟତର ଝାଡ଼ପଟା, ତିହିଡ଼ି ଏବଂ କୋହ୍ଲରେ ଏହି ମେଳଣ ବେଶ୍ ଜାକଯମକରେ ଅନୁଷ୍ଠିତ ହୋଇଥିବା ବେଳେ ପୀରହାଟ, ବାରୋ, ବୋଡ଼କ, ଗୁଡ଼ୁପାଳ, ସୟା, ମୂଷାଙ୍ଗ ଆଦି ସ୍ଥାନରେ ମେଳଣରେ ମଧ୍ୟ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଝାଡ଼ପଟା ମେଳଣରେ ପାରମ୍ପରିକ ବାଦ୍ୟ ସହ ଠାକୁର ସେବକମାନଙ୍କ ନୃତ୍ୟ ଆକର୍ଷଣ ସାଜିଥିଲା।

ଦୋଳ ପୂର୍ଣ୍ଣିମା ରାତିରେ କାଳିମେଘା ମେଳଣରେ ବିମାନ ସବୁ ବଟିମରା ପଦାଠାରୁ ଶୋଭାଯାତ୍ରାରେ ବାହାରି ଦଧିବାମନଜୀଉଙ୍କ ଦର୍ଶନ ସହ ମନ୍ଦିର ପରିକ୍ରମା କରି ମେଳଣ ପଡ଼ିଆରେ ପହଞ୍ଚିଥିଲେ। ପରଦିନ ଅପରାହ୍ଣରେ ଦଧିବାମନଜୀଉ କାଦୁଅ ଖେଳି ଖେଳି ମେଳଣ ପଡ଼ିଆକୁ ପ୍ରବେଶ କରି ମେଳଣ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ମେଳଣ କମିଟି ସଭାପତି ବାଣୀକଲ୍ୟାଣ ମହାପାତ୍ର, ସମ୍ପାଦକ ଗଣେଶ ପ୍ରସାଦ ନାୟକଙ୍କ ସମେତ କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପାରମ୍ପରିକ ରୀତିନୀତି ଅନୁଯାୟୀ ତିହିଡ଼ି ମେଳଣ ଦୋଳ ପୂର୍ଣ୍ଣିମା ରାତିରୁ ଆରମ୍ଭ ହୋଇ ପରଦିନ ଶେଷ ହୋଇଥିଲା। ସେଠାରେ ମଧ୍ୟ ଦଧିବାମନଜୀଉ କାଦୁଅ ଖେଳି ଖେଳି ପଡ଼ିଆକୁ ଯିବା ପରେ ମେଳଣ ଭାଙ୍ଗିଥିଲା। କମିଟି ସଭାପତି ବାପୁଜୀ ନାୟକ, ସମ୍ପାଦକ ସଚିକାନ୍ତ ନାୟକ, କୋଷାଧ୍ୟକ୍ଷ ପ୍ରଭାତ କୁମାର ରାଉଳ ପ୍ରମୁଖ ମେଳଣ ପରିଚାଳନାରେ ସହଯୋଗ କରିଥିଲେ। ଝାଡ଼ପଟା ମେଳଣ ଦୋଳ ପୂର୍ଣ୍ଣିମା ରାତିରୁ ଆରମ୍ଭ ହୋଇ ପରଦିନ ଶେଷ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବିମାନ ସବୁ ଶୋଭାଯାତ୍ରାରେ ମେଳଣରେ ଯୋଗ ଦେଇଥିଲେ। ଢୋଲ, ଝାଞ୍ଜ ସହ ପାରମ୍ପରିକ ବାଦ୍ୟରେ ଅଧିକାଂଶ ବିମାନର ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପାଣିଭଣ୍ଡାରରୁ ବୁଢ଼ା ମହାଦେବ ମେଳଣ ପଡ଼ିଆକୁ ପ୍ରବେଶ କରିବା ପରେ ମେଳଣ ଭାଙ୍ଗିଥିଲା। ଝାଡ଼ପଟା ଗ୍ରାମ୍ୟ କମିଟି ସଭାପତି ରଘୁନାଥ ମହାନ୍ତି, ସମ୍ପାଦକ ବିଚିତ୍ର କୁମାର ନାୟକ, ଉପସଭାପତି ଅଶୋକ କୁମାର ଶତପଥୀ, ସହସମ୍ପାଦକ ଅଶ୍ୱିନୀ ପାଢ଼ୀ, କୋଷାଧ୍ୟକ୍ଷ ହୃଷୀକେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ। ତେବେ ଏସବୁ ମେଳଣରେ ଶ୍ରୀଜୀଉମାନଙ୍କୁ ଅବିର ଅର୍ପଣ କରିବା ସହ ଶ୍ରଦ୍ଧାଳୁମାନେ ପରସ୍ପର ଅବିର ବୋଳିବା ଦୃଶ୍ୟ ବେଶ ମନୋରମ ପାଲଟିଥିଲା।



ଝାଡ଼ପଟା ମେଳଣକୁ ପାରମ୍ପରିକ ବାଦ୍ୟରେ ବିମାନ ଶୋଭାଯାତ୍ରା।

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ପାଠଚକ୍ର

କେନ୍ଦୁଝର,୧୬।୩(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ୫୩ତମ ଆଭାସୀ ପାଠଚକ୍ର 'ଗୀତାର ରାଜଗୁହ୍ୟ ଯୋଗ' ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ଡ. ବିଦ୍ୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଆଲୋଚିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଇଂରାଜୀ ପ୍ରଧାପିକା ଯୋଗଦେଇ ଗୀତାର ନବମ ଅଧ୍ୟାୟ ଶେଷ ଭାଗର ରାଜଗୁହ୍ୟ ଯୋଗର ଜଟିଳ ତଥ୍ୟାବଳୀକୁ ସରଳ ଭାଷାରେ ବୁଝାଇଥିଲେ। ସଂଯୋଜକ ରଘୁନାଥ ପଣ୍ଡା ଶୃଙ୍ଖଳିତ ଭାବରେ ପାଠଚକ୍ର ଆୟୋଜନ କରିଥିଲେ। ପଦ୍ମିନୀ ସାହୁ ପ୍ରାରମ୍ଭରେ ଓଁକାର ବେଦପାଠ କରିଥିଲେ। ଶୁଭଶ୍ରୀ ଓଝା ବିବେକବାଣୀ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ଡ. ବେହେରା ମୁଖ୍ୟ ଆଲୋଚିକାଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ସଞ୍ଜୟ କୁମାର ପାତ୍ର ଶାନ୍ତିପାଠ କରିଥିଲେ। ସଂସଦର ସମ୍ପାଦକ ବିଜୟ କୁମାର ସାହୁ ବିଭିନ୍ନ ଦିଗ ଉପରେ ମତ ରଖିଥିଲେ। ଉପ ସଭାପତି ଜଗନ୍ନାଥ ପଣ୍ଡାଙ୍କ ସମେତ କେନ୍ଦ୍ରୀୟ କମିଟିର ପ୍ରଫେସର ଚିତ୍ତରଞ୍ଜନ ନାୟକ, ସୀମାଞ୍ଚଳ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ଅଳତି ହାଇସ୍କୁଲର ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ଚାଲିଗଲା ୬ ଜୀବନ

## ମା'ବାପା, ପୁଅଙ୍କ ଉପରେ ମାଡ଼ିଗଲା ଟ୍ରକ୍

ଚମ୍ପୁଆ,୧୬।୩(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ଦୋଳିତା ଛକ ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଆଇରନ ବୋଝେଇ ଟ୍ରକ୍ ମାଡ଼ିଯିବାରୁ ଗୋଟିଏ ପରିବାରର ମା', ବାପା ଓ ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ବ୍ଲକ୍ ଅଧୀନ ସାନନଇର ଜୀବନ ପ୍ରଧାନ (୬୦), ମଥାମଣୀ ପ୍ରଧାନ(୫୫), ସଚ୍ଚିଦାନନ୍ଦ ପ୍ରଧାନ (୨୩)।

ସୂଚନା ଅନୁଯାୟୀ, ଶନିବାର ଭୋର୍ ପ୍ରାୟ ୫ଟା ୩୦ରେ ଜୀବନ, ସ୍ତ୍ରୀ ମଥାମଣୀ ଓ ଏକମାତ୍ର ପୁତ୍ର ସଚ୍ଚିଦାନନ୍ଦଙ୍କୁ ନେଇ ଦୋଳିତା ଛକ ନିକଟରେ ଥିବା ଝିଅ ଘରକୁ ଆସୁଥିଲେ। ଘରଠାରୁ ୧୦ ମିଟର ଦୂର ଏନ୍ଏଚ୍ ୨୦ରେ ପଛପଟୁ ଆସୁଥିବା ଆଇରନ ବୋଝେଇ ଟ୍ରକ୍ (ନଂ. ଓଡି ୦୯ କେ ୭୭୪୯) ତାଙ୍କ ବାଇକୁ ଧକ୍କା ଦେଇଥିଲା। ବାଇକରୁ ୩ ଜଣ ଛିଟିକି ପଡ଼ିଥିବା ବେଳେ ଟ୍ରକ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ଜୀବନଙ୍କ ମୃତ୍ୟୁ ହୋଇଥିବା ବେଳେ


ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଛନ୍ତି।

ମଥାମଣୀ ଓ ସଚ୍ଚିଦାନନ୍ଦଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମଥାମଣୀଙ୍କୁ ମୃତ ଘୋଷଣା କରିଥିଲେ। ସଚ୍ଚିଦାନନ୍ଦଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ। ଉତ୍ତ୍ୟକ୍ତ ଲୋକେ ପ୍ରାୟ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତା ଅବରୋଧ କରି ସହାୟତା ଦାବି କରିଥିଲେ। ଉପଜିଲାପାଳ ଉମାକାନ୍ତ ପରିଡ଼ା, ତହସିଲଦାର ସଜତ ମାର୍କେ, ଏସ୍‌ଡିପିଓ ରଶ୍ମି ରଞ୍ଜନ ସାହୁ, ଆଇଆଇସି ଦେବକୀ ନାଏକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ ତରଫରୁ ୩୦ ହଜାର, ଉକ୍ତ ଛକରେ ହମ୍ପସ୍ ନିର୍ମାଣ ସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୋଲିସ ଏକ ମାମଲା(ନଂ. ୬୦/୨୫)ରୁଜୁ କରି ଟ୍ରକ୍ ଜବତ କରି ତଦନ୍ତ କରୁଛି। ଦୁଃଖଦ ପରିବେଶରେ ଗ୍ରାମରେ ୩ ଜଣଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ବାଇକ୍ ଦୁର୍ଘଟଣାରେ ୨ ସାଙ୍ଗଙ୍କ ମୃତ୍ୟୁ

ଢେଙ୍କିକୋଟ,୧୬।୩(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ବାରହାଟିପୁରା ପଞ୍ଚାୟତ ବାରହାଟିପୁରା, ଦେହୁରୀପଡ଼ା କେନାଲ ରାସ୍ତାରେ ଶନିବାର ଅପରାହ୍ନ ୧ଟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ୨ ସାଙ୍ଗଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହରିଚନ୍ଦନପୁର ବ୍ଲକ୍ ଠାକୁରପଡ଼ା ପଞ୍ଚାୟତ ଗଣ୍ଡଡ଼ିହାର ସୌମ୍ୟପ୍ରକାଶ ମହାନ୍ତ (୧୭) ଓ ଠାକୁରପଡ଼ା ଗ୍ରାମର ଶିବାନନ୍ଦ ମହାରଣା(୧୫)। ଗୁରୁତର ଗଣ୍ଡଡ଼ିହାର ସିଦ୍ଧାନ୍ତ ମହାନ୍ତ(୧୭)। ଶିବାନନ୍ଦ ଚଳିତ ବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷା ଦେଇଥିବା ବେଳେ ସୌମ୍ୟ ମହାନ୍ତ +୨ ପରୀକ୍ଷା ଦେଉଥିଲେ। ସିଦ୍ଧାନ୍ତ ମଧ୍ୟ +୨ ପରୀକ୍ଷା ଦେଉଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ୩ ସାଙ୍ଗ ଶନିବାର ହୋଲି ପର୍ବରେ ରଙ୍ଗ ଖେଳିବା ପାଇଁ ମାମୁ ଘର ସାନ୍ତରାପୁର ଟେଣ୍ଟେଇ ଟାଙ୍ଗରସାହିକୁ ଆସିଥିଲେ। ଅପରାହ୍ନ ୧ଟାରେ ଘରକୁ ବାଇକ ଯୋଗେ ଫେରୁଥିଲେ। ବାରହାଟିପୁରା ପାଖ ଦେହୁରୀପଡ଼ା ନାଳ ରାସ୍ତା କାମ ପାଇଁ ନିର୍ମିତ ଡିସ୍‌ପ୍ଲେ ବୋର୍ଡକୁ ଧକ୍କା ଦେଇ ରାସ୍ତାକଡ଼ରେ ଛିଟିକି ପଡ଼ିଥିଲେ। ଖବର ପାଇ ପଇଦାପାଟଣା ସରପଞ୍ଚ ମୁକୁନ୍ଦ ମୁଣ୍ଡା ସ୍ଥାନୀୟ ଲୋକଙ୍କ ସହଯୋଗରେ ହରିଚନ୍ଦନପୁର ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ସୌମ୍ୟପ୍ରକାଶ ଓ ଶିବାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ସିଦ୍ଧାନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ, ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଘଟଗାଁ ଥାନାରେ ଏକ ମାମଲା(ନଂ. ୧୦୩/୨୫) ରୁଜୁ ହୋଇଛି। ପୋଲିସ ରବିବାର ସ୍ୱାମପାଟଣା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଦୁର୍ଘଟଣାରେ ମଠ ମହନ୍ତଙ୍କ ମୃତ୍ୟୁ

ପାଟଣା/ବାରିପଦା,୧୬।୩(ବୀର କିଶୋର ଦାଶ/ନିଳାଦ୍ରୀ ବିହାରୀ ଦଣ୍ଡପାଟ): କେନ୍ଦୁଝର ଜିଲା ସାହାରପଡ଼ା ଫାଣ୍ଡି ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥର ଗୋରାଣ୍ଡି ଯୋଡ଼ି ନିକଟରେ ଶନିବାର ଅପରାହ୍ନରେ ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ମୟୂରଭଞ୍ଜ ଜିଲା ଯଶୀପୁର ରଘୁନାଥ ଜିଉ ମଠର ମହନ୍ତ ସ୍ୱାମୀ ଅଭୟାନନ୍ଦ ସରସ୍ୱତୀ (୫୯)ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସେ ବାଇକ ଯୋଗେ ସାହାରପଡ଼ାରୁ କରଞ୍ଜିଆ ଆଡ଼କୁ ଯାଉଥିଲେ। ସେ ସମୟରେ କରଞ୍ଜିଆରୁ ଏକ ବାଇକରେ ଆସୁଥିବା ୩ ବ୍ୟକ୍ତି ବାଇକ୍ ଗୋରାଣ୍ଡି ଯୋଡ଼ି ନିକଟରେ ଅଭୟାନନ୍ଦଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ଅଭୟାନନ୍ଦଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇ ଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୩ ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ପାଟଣା ଥାନାରେ ଏକ ମାମଲା(ନଂ. ୪୯/୨୫)ରୁଜୁ ହୋଇଛି। କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଜିଲା ଅଧିବକ୍ତା କାର୍ଯ୍ୟାଳୟ ଉଦ୍‌ଘାଟିତ

କେନ୍ଦୁଝର,୧୬।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସବ୍‌କଲେକ୍ଟର ଅଫିସ ନିକଟରେ ଜିଲା ଅଧିବକ୍ତା କାର୍ଯ୍ୟାଳୟ ଗୁରୁବାର ସନ୍ଧ୍ୟା ୬ ଟାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ବିଶାଲ ସିଂ, ଏସ୍‌ପି ନୀତିନ କୁଶଲକର, ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡ଼ି ଅତିଥିଭାବେ ଉପସ୍ଥିତ ଥିଲେ। ଅଧିବକ୍ତାଙ୍କ ଟ୍ରେନିଂ ପ୍ରୋଗ୍ରାମକୁ ଆଖି ଆଗରେ ରଖି କାର୍ଯ୍ୟାଳୟରେ ଏକ ସଭାଗୃହ ମଧ୍ୟ ସ୍ଥାନ ପାଇଛି। କେନ୍ଦୁଝର


କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

ବାର୍ ଆସୋସିଏଶନର ସଭାପତି ଆଲୋକ ମହାନ୍ତ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆନନ୍ଦପୁର, କେନ୍ଦୁଝର, ଚମ୍ପୁଆ, ବଡବିଲର ସମସ୍ତ ଅଧିବକ୍ତା ଉପସ୍ଥିତ ଥିଲେ।

## ଶ୍ରୀରାଧାଗୋବିନ୍ଦଙ୍କ ଦୋଳ ଉତ୍ସବ

ଛେନାପଦି,୧୬।୩(ନିରାକାର ପରିଡ଼ା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ଅଁରା ଗ୍ରାମରେ ଦୋଳପୂର୍ଣ୍ଣିମା ଅବସରରେ ଶ୍ରୀରାଧାଗୋବିନ୍ଦଙ୍କ ପୂଜା ପାଳିତ ହୋଇଛି। ୧୦ଗୋଟି ପୂର୍ଣ୍ଣଜଳ କଳସ ଆଣି ଠାକୁରଙ୍କ ଆସ୍ଥାନରେ ରଖି ମୁଖ୍ୟ ପଣ୍ଡିତ ଗଣେଶ ପଣ୍ଡା ତାଙ୍କ ସହଯୋଗୀଙ୍କ ଦ୍ୱାରା ଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ପ୍ରମୋଦ ନାୟକ ଓ ତାଙ୍କ ଧର୍ମପତ୍ନୀ ବନିତା ନାୟକ କର୍ତ୍ତା ଭାବେ ସଂକଳ୍ପ କରିଥିଲେ। ରବିବାର ପୂର୍ଣ୍ଣାହୁତି ଉତ୍ସବ ପାଳନ କରାଯାଇଛି।

## ପୁଣି ଫ୍ଲାଏଓଭରରୁ ଖସିଲା ଡ୍ରେନେଜ୍ ପାଇପ

ଯୋଡ଼ା,୧୬।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ନିର୍ମିତ ଓଡ଼ିଶାର ଦୀର୍ଘତମ ଫ୍ଲାଏ ଓଭର ଉପରୁ ଶନିବାର ଅପରାହ୍ନ ୧ଟାରେ ପୁଣି ଏକ ଡ୍ରେନେଜ ପାଇପ ଖସିଛି। ପୁଣି ପାଇପ୍ ଖସିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରତ୍ୟକ୍ଷଦର୍ଶୀ ମାନସ ଦାସ କହିଛନ୍ତି, ପାଇପଟି ଶବ୍ଦ କରି ତଳକୁ ଖସିଥିଲା। ଉଦ୍‌ଘାଟନର ଏକ ବର୍ଷ ମଧ୍ୟରେ ପାଇପ ଖସିବା, ସିମେଣ୍ଟ ଖଣ୍ଡ ଖସିବା, ଫ୍ଲାଏ ଉପରୁ ଜାଲି ବାହାରି, ପିଲାରରେ କ୍ରାକ୍, ଲୁହାରଡ୍ ଦେଖାଯିବ ଭଳି ଘଟଣା ଘଟୁଛି। ସ୍ଥାନୀୟ ଭାଜପା ନେତା ରଞ୍ଜିତ ମହାକୁଡ଼ ଏହାର ନିର୍ମାଣରେ ହୋଇଥିବା ତ୍ରୁଟି, ଅନିୟମିତତା ଉପରେ ଯାଞ୍ଚ ଦାବି କରିଛନ୍ତି। ଯୁବ ସଂଗଠକ ଜଗନ୍ନାଥ ପାଣିଗ୍ରାହୀ, ସମୀର ଦାସ, ରମେଶ ଚନ୍ଦ୍ର ମହାପାତ୍ର, କାମାକ୍ଷା ପାତ୍ର ପ୍ରମୁଖ କହିଛନ୍ତି, ନିମ୍ନମାନର ପାଇପ, କ୍ଲାମ୍ପ ଲାଗିଥିବାରୁ ଭାରିଯାନର କମ୍ପନରେ ପାଇପଗୁଡ଼ିକ ସ୍ଥିର ରହୁନାହିଁ। ଠିକାସଂସ୍ଥାର ଜଣେ ଅଧିକାରୀ ନାମକୁ ଗୋପନରେ ରଖି କହିଛନ୍ତି, ଫ୍ଲାଏ ଓଭରର ଡ୍ରେନେଜ ପାଇପ୍ ପାଇଁ ଉନ୍ନତମାନର ସରଞ୍ଜାମ ଆସିଥିଲା, ଓବିସିସି ଅଧିକାରୀଙ୍କୁ ପାଇପ, କ୍ଲାମ୍ପକୁ ଦେଖାଇ ଦିଆଯାଇଥିଲା। ଅଧିକାରୀ ମଞ୍ଜୁର କରିବା ପରେ ଠିକାସଂସ୍ଥାର ଜଣେ ଅଧିକାରୀ ସରଞ୍ଜାମକୁ ବଦଳାଇ ନିମ୍ନମାନର ସରଞ୍ଜାମ ଲଗାଇଥିଲେ। ଯନ୍ତ୍ରୀଙ୍କ ଦ୍ୱାରା ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ଯାଞ୍ଚ କରାଗଲେ ବହୁ ତଥ୍ୟ ଏବଂ ଫ୍ଲାଏ ଓଭରରେ ହୋଇଥିବା ଅର୍ଥ ତୋଷାରପାତ ଜଣାପଡ଼ିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୧୬ ଫେବୃଆରୀ ୨୦୨୫ ରେ ବାଇକ ଆରୋହୀ ବଦ୍ରି ନାରାୟଣ କର ବ୍ୟାଙ୍କକୁ ଯାଉଥିବା ବେଳେ ୫୫ ନଂ. ପିଲାରରୁ ପାଇପ୍ ତାଙ୍କ ଉପରେ ଖସି ପଡ଼ିଥିଲା।

**ମୟୂରଭଞ୍ଜ**

## ଜଙ୍ଗଲରୁ ମହିଳାଙ୍କ ମୃତଦେହ ଜବତ

ମୋରଡ଼ା,୧୬।୩(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ଜଗନ୍ନାଥ ମନ୍ଦିର ପାଖ ଜଙ୍ଗଲରୁ ଜଣେ ଲୋଧା ଜନଜାତି ମହିଳାଙ୍କ ମୃତଦେହ ଗତ ୧୪ ତାରିଖରେ ପୋଲିସ ଜବତ କରିଛି। ମୃତା ମହିଳା ଜଣକ ହେଲେ ଉକ୍ତ ଥାନା ଅଧୀନ ଟିଆଁସି ଗ୍ରାମର ଦୁର୍ଗା ନାଏକଙ୍କ ସ୍ତ୍ରୀ ଫକଲି।

ସୂଚନା ଅନୁଯାୟୀ, ୧୪ ତାରିଖ ସକାଳେ ସ୍ଥାନୀୟ ଲୋକେ ପତ୍ର ତୋଳିବା ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ଫକଲିଙ୍କ ମୃତଦେହ ଅର୍ଦ୍ଧନଗ୍ନ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଖବରପାଇ ମୋରଡ଼ା ଥାନା ଅଧିକାରୀ ସୁମିତ କୁମାର ସୋରେନ, ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଫକଲି ତାଙ୍କ ବାପ ଘର ହାଣ୍ଡିଭଙ୍ଗା ଗ୍ରାମରେ ଥିବା ବେଳେ ୧୨ ତାରିଖ ଦିନ କୁଆଡ଼େ ପଳାଇଯାଇ ଆଉ ଫେରି ନ ଥିଲେ ବୋଲି ତାଙ୍କ ମା' ଭାରତୀ କହିଛନ୍ତି। ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଏସ୍‌ପି ସବିତା ମାଝୀ, ମୋରଡ଼ା ଥାନା ଓ ଚିତ୍ରଡ଼ା ଫାଣ୍ଡି ଅଧିକାରୀ,ସାଇଣ୍ଟିଫିକ ଟିମର ସଦସ୍ୟ ବନମାଳୀ ମହାନ୍ତି, ଜୟନ୍ତ କୁମାର ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଏନେଇ ମୋରଡ଼ା ଥାନାରେ ଏକ ମାମଲା(ନଂ. ୭୩/୨୫) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ସୋରେନ କହିଛନ୍ତି।

## ବାଇକ୍ ମୁହାଁମୁହିଁ ଧକ୍କା: ୧ ମୃତ, ୫ ଗୁରୁତର

ଉଦଳା,୧୬।୩(ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା ଉଦଳା ଥାନା ନାରା ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ ଟା ସମୟରେ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ଜଣଙ୍କ ମୃତ୍ୟୁ ଘଟିଛଇ। ୫ ଜଣ ଗୁରୁତର ହୋଇଛନ୍ତି। ମୃତକ ମାଙ୍କଡ଼ପଡ଼ା ଗ୍ରାମର ଜିତରାଇ ମାରାଣ୍ଡି। ସୂଚନା ଅନୁଯାୟୀ, କପ୍ତିପଦା ଥାନା ମାଙ୍କଡ଼ପଡ଼ା ଅଞ୍ଚଳରୁ ୨ ବାଇକରେ ୭ ଜଣ ଉଦଳା ଥାନା ନାରା ଗ୍ରାମକୁ ଯାତ୍ରା ଦେଖିବାକୁ ଆସିଥିଲେ। ନାରା ଛକ ନିକଟରେ ବିପରୀତ ଦିଗରୁ ଯାତ୍ରା ଦେଖିବାକୁ ଆସୁଥିବା ବୁଲିଆପୋଷି ଗ୍ରାମର ଯୁବକଙ୍କ ବାଇକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ସମସ୍ତେ ବାଇକରୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଜିତରାଇଙ୍କ ମୃତ୍ୟୁ ହୋଇଥିବା ବେଳେ ବୁଲିଆପୋଷି ଗ୍ରାମର ରୋହିଦାସ କିସ୍କୁ, ରାଜୁ ମୁର୍ମୁ, ପିରୁ ମୁମୁ, ମାଙ୍କଡପଡ଼ା ଗ୍ରାମର ହେମରାଜ ଏବଂ ନାରାୟଣ ମାରାଣ୍ଡିଙ୍କୁ ଗୁରୁତର ଅବସ୍ଥାରେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଥିଲା। ଉଦଳା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବୈଶିଙ୍ଗା,୧୬।୩(ରତନ ଦାଶ)

ବୈଶିଙ୍ଗା ଥାନା ଅଧୀନ ବଗଲପୁର ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଗ୍ରାମ ପୋଖରୀରୁ ଅଗ୍ନିଶମ ବାହିନୀ ତାଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ସୁକୁଲ ହାଁସଦାଙ୍କ ପୁଅ ସୁନାରାମ। ସୂଚନା ଅନୁଯାୟୀ, ସୁନାରାମ ସବୁଦିନ ଭଳି ଶୁକ୍ରବାର ସକାଳେ ଜୀବିକା ଉପାର୍ଜନ ପାଇଁ ଘରୁ ବାହାରି ଯାଇଥିଲେ। ସନ୍ଧ୍ୟାରେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇ ବୈଶିଙ୍ଗା ପୋଲିସକୁ ଖବର ଦେଇଥିଲେ। ପୋଲିସଠାରୁ ସୂଚନା ପାଇ ବେତନଟୀ ଅଗ୍ନିଶମ ବାହିନୀ ବଗଲପୁରଠାରେ ପହଞ୍ଚି ନିକଟସ୍ଥ ଏକ ପୋଖରୀରେ ଖୋଜାଖୋଜି କରିଥିଲା। ଶନିବାର ଅପରାହ୍ନ ୫ଟାରେ ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲା। ବୈଶିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୦/୨୫) ରୁଜୁ ହୋଇଛି। ସୁନାରାମଙ୍କ ମୃତଦେହ କେଉଁ ପରିସ୍ଥିତିରେ ପୋଖରୀରୁ ଉଦ୍ଧାର ହେଲା, ଏହା ଆତ୍ମହତ୍ୟା ନା ସୁଚିନ୍ତିତ ହତ୍ୟା ଏ ସମ୍ପର୍କରେ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଦେବେନ୍ଦ୍ରପୁର ରେଳଧାରଣାରେ ଗଳାପୋଲ ନିର୍ମାଣ ଦାବି

**ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତବାନୀ**

ବାରିପଦା,୧୬।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ୱାର୍ଡ ନଂ. ୨୫ ଦେବେନ୍ଦ୍ରପୁର ଅଞ୍ଚଳ ଦେଇ ଯାଇଥିବା ରେଳ ଧାରଣାରେ ଗଳାପୋଲ ନିର୍ମାଣ ନେଇ ରବିବାର ଅଞ୍ଚଳବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚଳପ୍ରଚଳ ପାଇଁ ଥିବା ଏକମାତ୍ର ରାସ୍ତାକୁ ରେଳ ବିଭାଗ ବନ୍ଦ କରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ୱାର୍ଡ କାଉନ୍‌ସିଲର ଦେବାଶିଷ ପାତ୍ର ବିକ୍ଷୋଭକାରୀଙ୍କ ନିକଟରେ ପହଞ୍ଚି ରେଳ ବିଭାଗ ଦ୍ୱାରା ଏହାର ସମାଧାନ କରିବାକୁ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ନ ହେଲେ ହଇରାଣ ହେଉଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତବାନୀ ଦିଆଯାଇଛି।


ଆନ୍ଦୋଳନରତ ସ୍ଥାନୀୟ ଗ୍ରାମବାସୀ।

ସୂଚନାଯୋଗ୍ୟ, ଦେବେନ୍ଦ୍ରପୁରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ରେଳଧାରଣା ପାର ହୋଇ ଯିବା ରାସ୍ତାକୁ ରେଳ ବିଭାଗ ସ୍ଥାୟୀଭାବେ ବନ୍ଦ କରିଦେଇଛି। ଫଳରେ ୱାର୍ଡର ତାଡ଼କୀ, ତାଡ୍‌କୀଶୋଳ, ପୁରୁଡ଼ିହୀ, ଗୋପାଳପୁର ଓ ରଙ୍ଗାମାଟିଆ ଅଞ୍ଚଳର ୨ ହଜାରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ଚଳପ୍ରଚଳରେ ବାଧା ସୃଷ୍ଟି ହୋଇଛି। ଲୋକେ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ଆଣିବାକୁ ୩ କି.ମି. ବୁଲି ଆସିବାକୁ ପଡୁଛି। ସେହିପରି ବିକଳ୍ପ ରାସ୍ତାକୁ ସୁବର୍ଣ୍ଣରେଖା ପ୍ରକଳ୍ପ ପକ୍ଷରୁ ବନ୍ଦ କରାଯାଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ୬ ମାସ ପୂର୍ବେ ରେଳ ବିଭାଗର ଡିଜିଏମ୍ ଜିଲାଗସ୍ତରେ ଆସିଥିବା ସମୟରେ ବିଭାଗୀୟ କର୍ମଚାରୀ ଏହି ରାସ୍ତାକୁ ଲୁହାଖୁଣ୍ଟ ଦେଇ ବନ୍ଦ କରିଥିଲେ। ଏହାକୁ ବିରୋଧ କରିବାରୁ ବିଭାଗ ପକ୍ଷରୁ ପୂର୍ବପରି ଚଳପ୍ରଚଳ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ମୁଖ୍ୟ ରାସ୍ତାଟି ବନ୍ଦ ହେବା ଦ୍ୱାରା ବାରିପଦା ପୌରପରିଷଦର ସଫେଇ ଗାଡ଼ି, ଆମ୍ବୁଲାନ୍ସ, ଦମକଳବାହିନୀ କିମ୍ବା ଜରୁରିକାଳୀନ ପରିସ୍ଥିତି ପାଇଁ ଅଞ୍ଚଳବାସୀ ସମସ୍ୟାରେ ପଡୁଥିବା ବାବୁଲୁ ବାସ୍କେ, ଅନାଦି ପଣ୍ଡିତ, ଜଗବନ୍ଧୁ ପଣ୍ଡିତ ଓ କାହ୍ନୁ ଚରଣ ଗିରି କହିଛନ୍ତି। ଏପରିକି ପିଆରଏମ ମେଡିକାଲ ଓ ଦେବେନ୍ଦ୍ରପୁର ସିଏଚ୍‌ସିକୁ ରୋଗୀ ନେବା ଆଣିବାକୁ ଅସୁବିଧା ଭୋଗୁଛନ୍ତି। କିଛି ଦିନ ପୂର୍ବେ ଜଣେ ପ୍ରସୂତିଙ୍କୁ ଡାକ୍ତରଖାନା ନେବାରେ ବିଳମ୍ବ ହେବାରୁ ନବଜାତ ଶିଶୁର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ସମସ୍ୟା ପ୍ରତି ଜନପ୍ରତିନିଧି ଓ ରେଳ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସମାଧାନର ବାଟ ଫିଟୁ ନ ଥିବାରୁ ଲୋକେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହୋଇଛନ୍ତି। ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଏକ ଗଳାପୋଲ ନିର୍ମାଣ କରିବାକୁ ଦାବି କରିଛନ୍ତି।

## ହୋଲିରେ ଦୁର୍ଘଟଣା: ୨ ମୃତ, ୫ ଗୁରୁତର

**ହମ୍ପ୍‌ସ ଦାବିରେ ରାସ୍ତାରୋକୋ**

ବୈଶିଙ୍ଗା,୧୬।୩(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅଧୀନ ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ୫ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ୨ ମୃତକ ଥାନା ଅଧୀନ ପାଟୁଳିପୁରାର ହିତେଶ ବିନ୍ଧାଣି ଓ ବାଲେଶ୍ୱର ଜିଲା ହଳଦିପଦା ଥାନା ଅଧୀନ ଅହଁରାକୁଳ ଗ୍ରାମର ସୁନିଲ ସିଂ। ସୂଚନା ଅନୁଯାୟୀ, ପାଟୁଳିପୁରା ଗ୍ରାମର ହିତେଶ ଓ ଗୌତମ ବେହେରା ଦୁଇସାଙ୍ଗ ଏକ ସ୍କୁଟିରେ ବୈଶିଙ୍ଗା ଦିଗରେ ଯାଉଥିଲେ। ମୋହନପୁର ଛକରେ ବିପରୀତ ଦିଗରୁ ଆସୁଥିବା ଅହଁରାକୁଳ ଗ୍ରାମର ସୁନିଲ ଓ ଅମିୟ ସିଂଙ୍କ ବାଇକ୍ ସହ ସେମାନଙ୍କ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉଭୟ ଗାଡ଼ି ଚାଳକ ହିତେଶ ଓ ସୁନିଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଶନିବାର ଅପରାହ୍ନ ୪ଟାରେ ବୈଶିଙ୍ଗା ବଡ଼ସାହି ମୁଖ୍ୟରାସ୍ତାର ପଦ୍ମପୁର ଛକରେ ଏକ ଦ୍ରୁତଗାମୀ ବାଇକ୍ ଧକ୍କାରେ ଜଣେ ସାଇକେଲ ଚାଳକ ଆହତ ହୋଇଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ହମ୍ପସ ନିର୍ମାଣ ପାଇଁ ଦାବି କରିଆସୁଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଅଧିକାରୀମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ନାହିଁ କହି ଏହାକୁ ଅଣଦେଖା କରିଆସୁଥିଲେ। ଉତ୍ତ୍ୟକ୍ତ ଲୋକେ ଏହି ଦୁର୍ଘଟଣା ଘଟିବା ପରେ ରାସ୍ତାରୋକୋ କରିଥିଲେ। ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ଏକ ଅସ୍ଥାୟୀ ହମ୍ପସ କରାଯିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସେହିପରି ବୈଶିଙ୍ଗା ଥାନା ଅଧୀନ ବଙ୍ଗାଳୀଡାହି ଛକ ନିକଟରେ ଭାଲିଆଡିହ ଗ୍ରାମର ଦୁଃଖୀରାମ ମୁର୍ମୁଙ୍କ ପୁଅ ଚନ୍ଦନ ତାଙ୍କ ସାଙ୍ଗଙ୍କ ସହ ଏକ ବାଇକ୍‌ରେ ହୋଲି ମେଳଣ ଦେଖିବାକୁ ଯାଉଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଗଛରେ ଧକ୍କା ହୋଇଥିଲେ। ଚନ୍ଦନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନାକୁ ନିଆଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତ ହୋଇଥିବା ତାଙ୍କ ସାଙ୍ଗ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି।

## ଯୁବକଙ୍କ ଜୀବନ ଗଲା, ୨ ଗୁରୁତର

**ଗଛରେ ପିଟିହେଲା ବାଇକ୍**

ଗୋପବନ୍ଧୁନଗର, ୧୬।୩ (ଶାନ୍ତନୁ କୁମାର ମଣ୍ଡୁଆଳ)

କୁଆମରା-ବୈଶିଙ୍ଗା ରାସ୍ତାର ଲେଙ୍କାସାହି ନିକଟରେ ଶନିବାର ଅପରାହ୍ନରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବଡ଼ସାହି ଥାନା ଅଧୀନ କାହ୍ନୁପୁର ଗ୍ରାମର ଶିବ ସିଂ(୧୮)। ସୂଚନା ଅନୁଯାୟୀ, ଶିବ ଓ ତାଙ୍କ ଦୁଇ ସାଙ୍ଗ ଅର୍ଜୁନବାରିଆ ଗ୍ରାମର ଚଗଲା ସିଂ(୨୪) ଓ କାହ୍ନୁପୁରା ଗ୍ରାମର ଶୁଭଙ୍କର ସିଂ(୨୨) ତିନିଜଣ ଗୋଟିଏ ବାଇକ୍‌ରେ କୁଆମରା ଅଭିମୁଖେ ଯାଉଥିଲେ। ରାସ୍ତାରେ ଭାରସାମ୍ୟ ହରାଇ ବାଇକ୍ ରାସ୍ତା ତଳ ଶାଳ ଜଙ୍ଗଲ ମଧ୍ୟକୁ ଖସିଯାଇ ଏକ ଗଛରେ ପିଟି ହୋଇଥିଲା। ଶିବଙ୍କ ମୃତ୍ୟୁ ଘଟିଥିବା ବେଳେ ଚଗଲା ଓ ଶୁଭଙ୍କର ଗୁରୁତର ହୋଇଥିଲେ। ଖବରପାଇ ପୁରୁଣା ବାରିପଦା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି କୁଆମରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶିବଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। କୁଆମରା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ରବିବାର ଉଦଳା ଡାକ୍ତରଖାନାକୁ ପଠାଇଥିଲା। ଏନେଇ ଖୁଣ୍ଟା ଥାନାରେ ଏକ ମାମଲା (ନଂ.୭୯/୨୫) ରୁଜୁ ହୋଇଛି।

